## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହନୁମାନ ଚାଳିଶା ପାଠ

ଚଣ୍ଡିଖୋଲ,୨୧।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଛି। ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷାରେ ସଫଳତା କାମନା କରି ବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଛି। ଛାତ୍ରୀଛାତ୍ରମାନେ ସକାଳେ କଳସ ଯାତ୍ରା କରି ଦିନ ତମାମ ଚାଳିଶା ପାଠ କରିଥିଲେ। ସହପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ରାଉତ ଓ ନିରଞ୍ଜନ ମହାନ୍ତି ସପତ୍ନିକ କର୍ତ୍ତାଭାବେ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡା, ପରିଚାଳନା କମିଟି ସଭାପତି ଡ. ବସନ୍ତ କିଶୋର ସାହୁ, ସମ୍ପାଦକ ନାରାୟଣ ଚନ୍ଦ୍ର ପଣ୍ଡା, ଗୟାଧର ସାହୁ ଓ ବିପିନ ବଳ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ଓ କର୍ମଚାରୀ ହନୁମାନ ଚାଳିଶା ପାଠ ଓ ଯଜ୍ଞ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ମେଧା ସମ୍ମାନ ଉତ୍ସବ

ରସୁଲପୁର,୨୧।୧୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତ ହାଇସ୍କୁଲ ପରିସରରେ ସଖୀ ଦେବୀ ଫାଉଣ୍ଡେଶନ ତରଫରୁ ଚାରାରୋପଣ ଓ ମେଧା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସୁବାସୀ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦୀପ ସାମଲ, ସମ୍ମାନିତ ଅତିଥି ଶିକ୍ଷକ କୃଷ୍ଣଚନ୍ଦ୍ର ରଣା, ପ୍ରଭାତ ଚନ୍ଦ ଓ ଅନୁଷ୍ଠାନର ସଦସ୍ୟ ମାନସ ବୋଇତାଇ ଯୋଗଦେଇ ଫାଉଣ୍ଡେଶନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଅନୁଷ୍ଠାନର ସଦସ୍ୟା ଶ୍ରଦ୍ଧା ସୁମନଙ୍କ ତରଫରୁ ସାଧାରଣ ଜ୍ଞାନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୨୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବ୍ରଜକିଶୋର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମମତା ବୋଇତାଇ, ପ୍ରତିଭା ସାମଲ, ସଞ୍ଜୟ ମହାନ୍ତି ଓ ସୁଧାକର ସ୍ୱାଇଁ ସହଯୋଗ କରିଥିଲେ। ପ୍ରକାଶ ଚନ୍ଦ୍ର ରଣା ଧନ୍ୟବାଦ ଦେଇଥିଲେ।

# ଅସୁରକ୍ଷିତ ସେତୁରେ ଯାତ୍ରା

ପ୍ରୀତିପୁର,୨୧।୧୨(ସୁଶାନ୍ତ ବେହୁରିଆ):


ବେଙ୍ଗାନାଳ ଉପରେ ନିର୍ମିତ ସେତୁ ଦବିଯାଇଛି।

ବିଞ୍ଝାରପୁର ବ୍ଲକ ଅଧୀନ ବାଙ୍ଗରା ପଞ୍ଚାୟତର ବେଙ୍ଗାନାଳ ଉପରେ ଥିବା ସେତୁ ଅସୁରକ୍ଷିତ ହୋଇପଡ଼ିଛି। ହେଲେ ଏହି ସେତୁରେ ଲୋକେ ବାଧ୍ୟହୋଇ ଯାତାୟାତ କରୁଛନ୍ତି। ସେତୁଟି ଐତିହାସିକ ଶୈବପୀଠ ବାବା ମୁକ୍ତେଶ୍ୱର ମହାଦେବ ମନ୍ଦିର ସନ୍ନିକଟରେ ଅବସ୍ଥିତ। ନିର୍ମାଣ ଜନିତ ତ୍ରୁଟି ଯୋଗୁ ଏହାର ଗୋଟିଏ ପିଲାର ଦବିଯାଇଛି। ଫଳରେ ସେତୁଟି ମଝିରୁ ପ୍ରାୟ ୪/୫ ଫୁଟ ତଳକୁ ଦବିଯାଇ ବର୍ତ୍ତମାନ ବିପଦସଂକୁଳ ଅବସ୍ଥାରେ ରହିଛି। ପ୍ରତିଦିନ ଏହି ସେତୁଦେଇ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ଲୋକେ ଯାତାୟାତ କରିବା ସହିତ ଶ୍ରଦ୍ଧାଳୁ ମୁକ୍ତେଶ୍ୱର ମହାଦେବ ପୀଠକୁ ଆସନ୍ତି। ସେତୁର ଗୋଟିଏ ପାର୍ଶ୍ୱ ଯାଜପୁର ଜିଲା ବାଙ୍ଗରା ପଞ୍ଚାୟତକୁ ସଂଯୋଗ କରୁଥିବାବେଳେ ଅନ୍ୟ ପାର୍ଶ୍ୱ ସେହି ପଞ୍ଚାୟତର କଣ୍ଟିତର, କୁସୁନପୁର, ଗୁଣ୍ଡୁରୀପଡ଼ା ସମେତ କେନ୍ଦ୍ରାପଡ଼ା ଜିଲାର ପଣସଗଣ୍ଡ ଗ୍ରାମକୁ ସଂଯୋଗ କରୁଛି। ବହୁ ବର୍ଷ ହେବ ଯାଜପୁର ଡ୍ରେନେଜ ବିଭାଗ ପକ୍ଷରୁ ଏହି ସେତୁ ନିର୍ମାଣ ହୋଇଥିଲା। ଭାରିଯାନ ଯାତାୟାତ ଯୋଗୁ ସେତୁର ଏଭଳି ଅବସ୍ଥା ହୋଇଛି। ସେତୁ ଦବିଯାଇଥିବାରୁ ଲୋକେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଏସମ୍ପର୍କରେ ବାରମ୍ବାର ଡ୍ରେନେଜ ବିଭାଗକୁ ଅଭିଯୋଗ କଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଏହି ସେତୁକୁ ଲାଗି ଥିବା ଦୁଇ ଆପ୍ରୋଚ୍ ରୋଡ୍ ମଧ୍ୟ ଯାତାୟାତ ଅନୁପଯୋଗୀ ପାଲଟିଛି। ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନେ ଯଦି ଦାବି କରନ୍ତେ ତେବେ ଏଠାରେ ଏକ ବଡ଼ ପୋଲ ହୋଇପାରନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି। ଅନ୍ୟପକ୍ଷରେ ଏଠାରେ ଏକ ଉଚ୍ଚ ସେତୁ ସହିତ ଦୁଇ ପଟ ସଂଯୁକ୍ତ ରାସ୍ତାକୁ ଅବିଳମ୍ବେ ନିମାଣ କରିବାକୁ ଅଞ୍ଚଳବାସୀ ଯାଜପୁର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ଏଠାରେ ଏକ ଉଚ୍ଚମାନର ସେତୁ ନିର୍ମାଣ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ଲୋଡ଼ାଯାଇଛି। ଅନୁମତି ମିଳିଲେ ପୋଲ ନିର୍ମାଣ କରାଯିବ।

## ରେଳଷ୍ଟେଶନରେ ପ୍ରସବ

### ସହାୟତା ଯୋଗାଇଲା ରେଳ ସୁରକ୍ଷା ବଳ

ଯାଜପୁର ରୋଡ୍,୨୧।୧୨(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନ ପରିସରରେ ଗୁରୁବାର ଜଣେ ମହିଳାଙ୍କ ପ୍ରସବ ହୋଇଛି। ଗାଡ଼ି ନଂ.୧୮୦୨୧ ଖଡ଼ଗପୁର-ଖୋର୍ଦ୍ଧା ଫାଷ୍ଟ ପାସେଞ୍ଜର ଟ୍ରେନ୍ ପ୍ଲାଟ୍‌ଫର୍ମ ନଂ.୫ରେ ପହଞ୍ଚିଲା। ଏହାପରେ ବାଲେଶ୍ୱର ଜିଲା ଆଗାମୌଜା ଅଞ୍ଚଳର ମହିଳା ନୟନା ବେହେରା(୨୭) ପ୍ରସବ ବେଦନା ଅନୁଭବ କରିବାରୁ ତାଙ୍କ ସ୍ୱାମୀଙ୍କ ସହିତ ସେଠାରେ ଓହ୍ଲାଇଥିଲେ। ଏହା ଦେଖି ପ୍ଲାଟ୍‌ଫର୍ମରେ ଉପସ୍ଥିତ ଥିବା ରେଳ ସୁରକ୍ଷା ବଳ ଅଧିକାରୀ ଏ.କେ. ସାହୁ ଏବଂ ଜାମିନୀ ସିଂ ତାଙ୍କୁ ସୁରକ୍ଷା ବଳୟ ମଧ୍ୟରେ ରଖିବା ପରେ ମହିଳା ଜଣଙ୍କ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ରେଳ ସୁରକ୍ଷା ବଳ ପକ୍ଷରୁ ସମ୍ପୃକ୍ତ ମହିଳା ଏବଂ ତାଙ୍କ ଶିଶୁ କନ୍ୟାଙ୍କୁ ୧୦୮ ଆମ୍ବୁଲାନ୍ସରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଯାଜପୁର ରୋଡ ରେଳ ସୁରକ୍ଷା ବଳ ଅଧିକାରୀ ପ୍ରବୀଣ କୁମାର ସୂଚନା ଦେଇଛନ୍ତି। ମହିଳା ଏବଂ ଶିଶୁ କନ୍ୟା ସୁରକ୍ଷିତ ଥିବା ଜଣାପଡ଼ିଛି।

## କୋଇଲା ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ଧର୍ମଶାଳା,୨୧।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ଚଢ଼େଇଧରା ନିକଟରେ କୋଇଲା ବୋଝେଇ ଏକ ଟ୍ରକ୍‌କୁ ପୋଲିସ ଜବତ କରିଛି। ଏଥିସହିତ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ସମଲବ୍ୟାରେଜ ଥାନା ସିପୁର ଗ୍ରାମର ଡ୍ରାଇଭର ଈଶ୍ୱର ଚନ୍ଦ୍ର ସାହୁ (୫୩) ଓ ହେଲପର ଚନ୍ଦନ ସାହୁ(୨୧)। ଓଡି-୩୫-ଡି-୭୮୦ ନଂ. ବିଶିଷ୍ଟ ଏକ ୧୪ ଚକିଆ ଟ୍ରକରେ ବେଆଇନ ଭାବେ କୋଇଲା ବୋଝେଇ ହୋଇ ତାଳଚେରରୁ ଜାରକା ଆସୁଥିବାବେଳେ ବୁଧବାର ରାତିରେ ପୋଲିସ ପାଟ୍ରୋଲିଂ ଟିମ୍ ଚଢ଼ାଉ କରି ଏହି ଗାଡ଼ିକୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୩୮୦/୨୩ ରୁଜୁ ହୋଇଛି। ଗିରଫ ଯୁବକଦ୍ୱୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

# କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଭାଜପାର ସତ୍ୟାଗ୍ରହ



କୋରେଇ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଉଛି।

କୋରେଇ,୨୧।୧୨(ଚନ୍ଦ୍ରକାନ୍ତ ପତି):

ଚାଷ ଓ ଚାଷୀଙ୍କ ସମସ୍ୟାକୁ ନେଇ ଭାଜପା ପକ୍ଷରୁ କୋରେଇ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। କୋରେଇ ଅଞ୍ଚଳରେ ଦୀର୍ଘଦିନ ହେବ କୃଷକମାନଙ୍କ ବିଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି। ବିଶେଷକରି ଧାନ ମଣ୍ଡି ଖୋଲାଯାଉ ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏଥିସହ ଧାନ ଟୁକନ ଦେବାରେ ମଧ୍ୟ ପାତରଅନ୍ତର କରାଯାଉଛି। ଚାଷ ଜମିକୁ ଜଳସେଚନ କରାଯାଉନାହିଁ। ସେହିପରି ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନା କାର୍ଯ୍ୟକାରୀ କରିବା, କୃଷିକ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ୍ ବିଲ ଛାଡ଼ କରିବା, ଚାଷୀଙ୍କ କ୍ଷୟକ୍ଷତିର ଠିକ୍ ଆକଳନ କରି ଶସ୍ୟବୀମା ନିର୍ଦ୍ଧାରିତ ସମୟରେ ଯୋଗେଇ ଦେବା ଭଳି ଅନେକ ସମସ୍ୟା ରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଚାଷୀମାନେ କୃଷି ବିଭାଗଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ତାଙ୍କ ଅଭିଯୋଗକୁ କେହି କର୍ଣ୍ଣପାତ କରୁନାହାନ୍ତି। ଯାହାକୁ ନେଇ କୋରେଇ ଭାଜପା ନେତା ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ସତ୍ୟାଗ୍ରହ କରିଥିଲେ। ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ ନ ହେଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ନାୟକ ଚେତାବନୀ ଦେଇଛନ୍ତି। ଏଥିରେ ଭାଜପା ଯୁବନେତା ବିକ୍ରମ ବିଶ୍ୱାଳ, ସଞ୍ଜୟ ବାରିକ, ବିଜୟ ଘଡ଼େଇ ଓ ପୂର୍ବତନ ତୁଳତୀ ସରପଞ୍ଚ ଦୀପ୍ତିମୟୀ କୁଅଁରଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।

## କବି ନଟବର ପ୍ରଧାନଙ୍କୁ ଅନନ୍ୟା ରାଷ୍ଟ୍ର ନିର୍ମାତା ସମ୍ମାନ

ବଡ଼ଚଣା,୨୧।୧୨(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସକୁନ୍ତଳାପୁର ଗ୍ରାମର କବି ନଟବର ପ୍ରଧାନଙ୍କୁ ସୁନ୍ଦର ମୋ ଭାଷା ସାହିତ୍ୟ ତରଫରୁ ଅନନ୍ୟା ରାଷ୍ଟ୍ର ନିର୍ମାତା ସମ୍ମାନ ପ୍ରଦାନ କରାଯାଇଛି। ମଦର୍ସ ପବ୍ଲିକ ସ୍କୁଲଠାରେ ସୁନ୍ଦର ମୋ ଭାଷା ସାହିତ୍ୟର ବାର୍ଷିକ ଉତ୍ସବ ଅବସରରେ ପ୍ରଧାନଙ୍କୁ ଅନୁଷ୍ଠାନର ସମ୍ପାଦକ ଡ. ନାରାୟଣ ଚନ୍ଦ୍ର ସେନାପତି ମାନପତ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି। ପ୍ରଧାନ ବୃତ୍ତିରେ ଶିକ୍ଷକ ହେଲେ ମଧ୍ୟ କୃତୀରେ ଜଣେ କବି। ଅଧୁନା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ବାଜିପୁରାଠାରେ ସେ କାର୍ଯ୍ୟରତ। କବିତା, ପ୍ରବନ୍ଧ, ଗଳ୍ପ, ନାଟକ ଓ ଅଭିନୟ ପ୍ରତି ରୁଚି ରଖିଥିବା ପ୍ରଧାନ ଜଣେ ସୁପରିଚିତ ଗୀତିକାର ଭାବେ ଲୋକପ୍ରିୟତା ଅର୍ଜନ କରିଛନ୍ତି। ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସେ ଅଭିମନ୍ୟୁ ସାମନ୍ତ ସିଂହାର ସାହିତ୍ୟ ସୃଜନୀ ଅନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି।

## ମହାତ୍ମା ଗାନ୍ଧୀ ମାର୍ଗ ଉନ୍ନତୀକରଣ କାର୍ଯ୍ୟ ଶୁଭାରମ୍ଭ


ରାସ୍ତା ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

ଛତିଆ,୨୧।୧୨(ସୌମ୍ୟରଞ୍ଜନ ସାହୁ):

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରୁ ସାଲେପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ମହାତ୍ମା ଗାନ୍ଧୀ ମାର୍ଗର ପ୍ରଶସ୍ତୀ ଓ ଉନ୍ନତୀକରଣ କାର୍ଯ୍ୟ ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ୧ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତାର ଉନ୍ନତୀକରଣ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଏନେଇ ଚମ୍ପାପୁରର ପ୍ରାକ୍ତନ ସରପଞ୍ଚ ବାସୁଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ଅମର ମହାନ୍ତି, ନିରଞ୍ଜନ ସେନାପତି, ଛତିଆ ସମିତସଭ୍ୟ ଦୀପକ ସାହୁ, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ପ୍ରଦୋଷ ନାଥ ଓ ସ୍ୱାଗତ ରାଉତରାୟଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। କଟକ ଓ କେନ୍ଦ୍ରାପଡ଼ାକୁ ସଂଯୋଗ କରୁଥିବା ଏହି ପ୍ରମୁଖ ରାସ୍ତା ଶୋଚନୀୟ ହୋଇଥିବାରୁ ବହୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ରାସ୍ତାର ଉନ୍ନତୀକରଣ ପାଇଁ ଦାବି ହୋଇ ଆସୁଥିଲା।

# ସଂସ୍କୃତି ବଞ୍ଚାଇବାକୁ ପୁସ୍ତକମେଳା ଆବଶ୍ୟକ



ମୁଖପତ୍ର କଳିଙ୍ଗ ଦର୍ପଣକୁ ଅତିଥି ଉନ୍ମୋଚନ କରୁଛନ୍ତି।

### ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକମେଳା ଉଦ୍‌ଯାପିତ

ଯାଜପୁରରୋଡ୍,୨୧।୧୨(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର କାଳୀମେଳଣ ପଡ଼ିଆରେ ୭ ଦିନଧରି ଅନୁଷ୍ଠିତ ୮ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକମେଳା ଉଦ୍‌ଯାପିତ ହୋଇଯାଇଛି। ପୁସ୍ତକ ମେଳା କମିଟି ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଡ. ସନ୍ତୋଷ ମିଶ୍ର ଯୋଗଦେଇ ଶିକ୍ଷା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚେଇ ରଖିବାକୁ ହେଲେ ପୁସ୍ତକ ମେଳାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବିଜେବି ସ୍ୱୟଂଶାସିତ କଲେଜର ପ୍ରାକ୍ତନ ପ୍ରାଧ୍ୟାପକ ଡ. ସୁଧୀର ଚନ୍ଦ୍ର ଜେନା ଯୋଗଦେଇ ପୁସ୍ତକ ବିନା ଶିକ୍ଷା ଓ ସଭ୍ୟତାର ସୁରକ୍ଷା ଅସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ଟାଇମ୍ସର ସୁରେଶ କର, ଚଣ୍ଡୀ କ୍ଲବ ସମ୍ପାଦକ ଶିଶିର ରାଉତ ଯୋଗ ଦେଇଥିଲେ। ପୁସ୍ତକ ମେଳାର ମୁଖ୍ୟ ଉପଦେଷ୍ଟା ସବିତା ରାଉତ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି ଯୋଗଦେଇ ମେଳାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମେଳାର ସମ୍ପାଦକ ଡ. କୁଶଚନ୍ଦ୍ର ପ୍ରଧାନ ବିବରଣୀ ପାଠ କରିଥିଲେ। ଉପସଭାପତି ଅଧ୍ୟାପକ ଡ. ଅକ୍ଷୟ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମେଳାର ମୁଖପତ୍ର 'କଳିଙ୍ଗ ଦର୍ପଣ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା।

ଏଥିରେ କଳିଙ୍ଗ ନଗରର ପ୍ରାକ୍ତନ ଅତିରିକ୍ତ ଜିଲାପାଳ ଡ. ମିଶ୍ର, ଖବରଦାତା ଯଜ୍ଞଦତ୍ତ ତ୍ରିପାଠୀ, ସୁରେଶ କର, ରଞ୍ଜନ ବେହୁରିଆ ଓ ପ୍ରଶାନ୍ତ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବ୍ୟାସନଗର କଲେଜ, ଝୁମକା ଡ୍ୟାନ୍ସ ଏକାଡେମୀ, ଷ୍ଟେପ ଆଣ୍ଡ ଷ୍ଟାଇଲ, ଦି ବଏଜ, ବ୍ୟାସନଗର ପବ୍ଲିକ ସ୍କୁଲ, ଦେବ ଇଣ୍ଟରନ୍ୟାଶନାଲ ସ୍କୁଲ, ଦେବୀ ଡ୍ୟାନ୍ସ ଗ୍ରୁପ, ପିକେ ଡ୍ୟାନ୍ସ ଏକାଡେମୀ ଓ ସତ୍ୟସାଇ ସଂଗଠନ, ପ୍ରଜାପିତା ବ୍ରହ୍ମାକୁମାରୀ, ସନ୍ଥ ନିରଙ୍କାରୀ ସଂଗଠନ ଓ ଓରିଏଣ୍ଟ ପବ୍ଲିସର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳା କମିଟି ଉପଦେଷ୍ଟା ଚନ୍ଦ୍ରମଣି ସାମଲ, ଉପସଭାପତି ହୃଷୀକେଶ ସାହୁ, କୋଷାଧ୍ୟକ୍ଷ ଅଶ୍ୱିନୀ ଦାସ, ବୀରକିଶୋର ସାହୁ, ଅକ୍ଷୟ ଦେଓ, ଅଶୋକ ଖିଲାର, ପ୍ରଦ୍ୟୁମ୍ନ ବୋଇତାଇ ଓ ରାଇଚରଣ ମହାନ୍ତି ଉପସ୍ଥିତ ଥିଲେ। ପିକେ ଡ୍ୟାନ୍ସ ଏକାଡେମୀର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ପାଦକ ମହାନ୍ତି ଧନ୍ୟବାଦ ଦେଇଥିଲେ।

DSPL-478
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center (ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No. ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।
"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"
OIPR-13223/13/0010/2324

**ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର**

ଏରସମା, (ଦୀପ୍ତି ରଞ୍ଜନ ଖଣ୍ଡୁଆଳ): ଏରସମା ବ୍ଲକ ଅନ୍ତର୍ଗତ ଗଡ଼ବିଶୁନିପୁର ପଞ୍ଚାୟତସ୍ଥିତ ବ୍ରଜକିଶୋର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଗୁରୁବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଶ୍ରୀକାନ୍ତ ଶତପଥୀ, ଅଧ୍ୟାପକ ସୁବ୍ରତ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଗଡ଼ବିଶୁନିପୁର, ନାରଦିଆ, ଅମ୍ବିକି, ପଦ୍ମପୁର, ଗୋଡ଼ା, ଗଡ଼ହରିଶପୁର, ଜିରାଇଲୋ ପଞ୍ଚାୟତରୁ ଲୋକେ ଆସି ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରେ ତ୍ରିଲୋଚନ ନେତ୍ରାଳୟର ଚିକିତ୍ସକମାନେ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। କଲେଜ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଏହାକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଓଳାଭର ମହାବିଦ୍ୟାଳୟ ପରିଚାଳନା ସମିତିର ନୂଆ ସଭାପତି

ରାଜକନିକା,୨୧।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ମହାବିଦ୍ୟାଳୟ ପରିଚାଳନା ସମିତିର ନୂଆ ସଭାପତି ଭାବେ ଶିକ୍ଷାବିତ୍ ପ୍ରାଧାପକ ସୁଭାଷ ଚନ୍ଦ୍ର ମଲ୍ଲଙ୍କୁ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ମନୋନୀତ କରାଯାଇଛି। ଓଳାଭର ମହାବିଦ୍ୟାଳୟ ଇଂଲିଶ ବିଭାଗରୁ ଅବସର ନେଇଥିବା ପ୍ରାଧାପକ ମଲ୍ଲଙ୍କ ଉଦ୍ୟମରେ ଓଳାଭର ମହାବିଦ୍ୟାଳୟର ବିଜ୍ଞାନ ଶ୍ରେଣୀ ଖୋଲିବା, ୟୁଜିସିରୁ ଅନୁଦାନ ମିଳିବା, ୧୪ ଏକର ଜମି ମହାବିଦ୍ୟାଳୟ ନାମରେ ନାମିତ ହେବା ତଥା ବିଶ୍ୱ ବ୍ୟାଙ୍କ ଅନୁଦାନରେ ନୂତନ ଏକାଡେମିକ ବ୍ଲକ ନିର୍ମାଣ ହେବା ଆଦି ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। ପ୍ରାଧାପକ ମଲ୍ଲ ନୂଆ ସଭାପତି ଭାବେ ମନୋନୀତ ହୋଇଥିବାରୁ ସେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବଂ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ଓଳାଭର, ବଳରାମପୁର ପଞ୍ଚାୟତର ସରପଞ୍ଚ ନହୁଷ ନାୟକ ଓ ସ୍ୱର୍ଣ୍ଣଲତା ବେହୁରାଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

ପଟ୍ଟାମୁଣ୍ଡାଇ,୨୧।୧୨(ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ପୌର ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ସମୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ସରକାରୀ ପ୍ରୋତ୍ସାହନ ରାଶି ହାସଲ କରିବା ସହିତ ଜୀବନ ଧାରଣ ମାନ ଉନ୍ନତ କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ମଙ୍ଗଳବାର ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରି ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସେ ଏହି ପରାମର୍ଶ ଦେଇଛନ୍ତି । ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କ ପୌରୋହିତ୍ୟରେ କାର୍ଯ୍ୟାଦେଶ ବଣ୍ଟନ ସମାରୋହରେ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ସମୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ସାହୁ ୭୭ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏହି ଉତ୍ସବରେ ପୌର ପୌର ପରିଷଦର ସମସ୍ତ କାଉନସିଲରଣ୍, ସହକାରୀ ଯନ୍ତ୍ରୀ ସୁଶୀଲ ବେହେରା, ସରୋଜ ପଣ୍ଡା, ଅଶୋକ ମହାନ୍ତି, ଅରବିନ୍ଦ ପରିଡା ଓ ବ୍ରଜ କିଶୋର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ଅଭିଯୁକ୍ତଙ୍କୁ ଗିରଫ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ରାଜନଗର, ୨୧।୧୨ (ଭାସ୍କର ରାଉତରାୟ)

### ବାଇକ୍ ଦୁର୍ଘଟଣାରେ ନାବାଳିକାଙ୍କ ମୃତ୍ୟୁ ଘଟଣା



ଉତ୍ତ୍ୟକ୍ତ ଲୋକେ ଥାନା ସମ୍ମୁଖ ରାସ୍ତାରେ ମୃତଦେହ ରଖି ଅବରୋଧ କରିଛନ୍ତି।

ତାଳଚୁଆ ସାମୁଦ୍ରିକ ଥାନା ଅଧୀନରେ ଥିବା ରାଜେନ୍ଦ୍ରନଗର ଗ୍ରାମର ମନୋରଞ୍ଜନ ତରାଇଙ୍କ ୧୭ ବର୍ଷୀୟା ନାବାଳିକା କନ୍ୟା ପୂର୍ଣ୍ଣିମା ତରାଇଙ୍କ ବୁଧବାର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଗୁରୁବାର ପୂର୍ଣ୍ଣିମାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର ଓ ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ଗିରଫ ଓ କ୍ଷତିପୂରଣ ଦାବିରେ ସାମୁଦ୍ରିକ ଥାନା ସମ୍ମୁଖରେ ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିବା ସହ ଧାରଣା ଦେଇଥିଲେ। ରାଜେନ୍ଦ୍ରନଗର ଗ୍ରାମର କବି ମହାଳିକ, ସୁକଦେବ ମଣ୍ଡଳ, ବହ୍ଲାଇ ଘୋଷ, ମନୋରଞ୍ଜନ ତରାଇ, ତପନ ଘୋଷଙ୍କ ସମେତ ଶତାଧିକ ଲୋକ ଦୁର୍ଘଟଣା ଘଟାଇ ଫେରାର ଥିବା ରଙ୍ଗଣୀ ଗାଁର ମନୋରଞ୍ଜନ ଗିରିଙ୍କୁ ଗିରଫ କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ରାସ୍ତାରୋକୋ ଯୋଗୁ ଗମନାଗମନ ଏକ ପ୍ରକାର ଠପ୍ ହୋଇଯାଇଛି। ମୃତ ପୂର୍ଣ୍ଣିମାଙ୍କ ବାପା ମନୋରଞ୍ଜନ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଘଟାଇ ଫେରାର ଥିବା ମନୋରଞ୍ଜନ ଗିରିଙ୍କ ବାଇକ୍‌କୁ ଥାନାରେ ଗ୍ରାମବାସୀ ଜିମା ଦେଇଛନ୍ତି। ମନୋରଞ୍ଜନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବା ପାଇଁ ପୋଲିସ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଗ୍ରାମବାସୀ ରାସ୍ତାରୋକୋ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ପୂର୍ଣ୍ଣିମା ନିଜ ଗାଁରୁ ସାଇକେଲ ଯୋଗେ ତାଳଚୁଆ ବଜାରକୁ ଟେଲରିଂ ଶିଖିବାକୁ ଆସୁଥିବା ବେଳେ ରାସ୍ତାରେ ମନୋରଞ୍ଜନ ଦ୍ରୁତଗତିରେ ବାଇକ୍ ଚଳାଇ ଆସୁଥିବା ବେଳେ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ପୂର୍ଣ୍ଣିମାଙ୍କ ମୃତ୍ୟୁ ଘଟିଥିଲା।

# ୫ ଗ୍ରାମକୁ ଭୂମି ସମ୍ମାନ ପ୍ରଦାନ



ଜଡ଼ତିରା ପଞ୍ଚାୟତରେ ଜଣେ ବ୍ୟକ୍ତିଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ତିର୍ତ୍ତୋଲ,୨୧।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

କେନ୍ଦ୍ର ସରକାରଙ୍କ ଦ୍ୱାରା ଅନ୍‌ଲାଇନ ମାଧ୍ୟମରେ ଜମିପଟ୍ଟା ଓ ମିଉଟେଶନ ପ୍ରମାଣପାତ୍ର ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଜଗତ୍‌ସିଂହପୁର ଜିଲା ଭୂମି ସମ୍ମାନରେ ପୁରସ୍କୃତ ହୋଇଥିଲା। ଏବେ ତିର୍ତ୍ତୋଲ ତହସିଲ ଅଧୀନ କେତେକ ପଞ୍ଚାୟତର ରାଜସ୍ୱ ଗ୍ରାମକୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଡ଼ତିରା ଓ ପୋରଗଦେଇ ପଞ୍ଚାୟତ କାର୍ଯ୍ୟାଳୟରେ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ଦ୍ୱାରା ଡିଜିଟାଲ ଲ୍ୟାଣ୍ଡ ରେକର୍ଡ ପ୍ରମାଣପତ୍ର ଓ ଭୂମି ସମ୍ମାନ ପ୍ରଦାନ କରାଯାଇଛି। ପୋରଗଦେଇ ପଞ୍ଚାୟତ ଅଧୀନ ଆଲକଣା, ବଉଳାଙ୍ଗ, ରାଣୀତୋଳା, ଯୋଗଣିଆ ଓ ପୋରଗଦେଇ ପ୍ରମୁଖ ଗ୍ରାମକୁ ଭୂମି ସମ୍ମାନରେ ସମ୍ମାନିତ କରାଯାଇଥିଲା। ୱାର୍ଡ ସଭ୍ୟାସଭ୍ୟମାନେ ଏହି ସମ୍ମାନ ଗ୍ରହଣ କରିଥିଲେ। ଏଥିରେ ସରପଞ୍ଚ ପୁଷ୍ପଲତା ମଲ୍ଲିକ, ରଶ୍ମିତା ବାରିକ, ବଂଶୀଧର ମଲ୍ଲିକ, ବାବାଜୀ ମଲ୍ଲିକ, ବାବାଜୀ ଦଳେଇ, ସଞ୍ଜୟ ନାୟକ, ମିନୁ ପ୍ରଭା ସାହୁ, ଛବିରାଣୀ ସାହୁ, ଛବିରାଣୀ ମଲ୍ଲିକଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଜଡ଼ତିରା ପଞ୍ଚାୟତ ଅଧୀନରେ ଥିବା ପଞ୍ଚେଇ, ଜଡ଼ତିରା, ବନ୍ଧବାଟୀ, ଅରଡା ପ୍ରଭୃତି ଗ୍ରାମର ହିତାଧିକାରୀଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ଶିବ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ପ୍ରତିମା ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱଜିତ ମହାପାତ୍ର, ମନୋରଞ୍ଜନ ନାୟକ, ପ୍ରକାଶ ସ୍ୱାଇଁ, ଜଗନ୍ନାଥ ପଣ୍ଡା, ଲାଲବାହାଦୁର ପଣ୍ଡା, ରାଜେଶ ନାୟକ, ରଶ୍ମିରଞ୍ଜନ ପଣ୍ଡା, ଦେବେନ୍ଦ୍ର ସାହୁ, ରୁପା ନାଥଙ୍କ ସମେତ ୱାର୍ଡସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

# 'ସେବାକୁ ଅଭ୍ୟାସରେ ପରିଣତ କର'

### ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର




ଶିବିରରେ ଉପସ୍ଥିତ ଅତିଥିମାନେ।

ରଘୁନାଥପୁର,୨୧।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲ ଅଫ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜିରେ ଗୁରୁବାର ଜାତୀୟ ସେବା ଯୋଜନାରେ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାମିଲ ହୋଇଥିବା ୫୦ ଜଣ ଛାତ୍ର ସ୍ଥାନୀୟ କୁର୍ତ୍ତାଙ୍ଗ ପୋଷ୍ୟ ଗ୍ରାମରେ ୭ ଦିନ ରହି ବିଭିନ୍ନ ସେବାମୂଳକ କାର୍ଯ୍ୟ କରିଥିଲେ। ବିଶେଷ କରି ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିବା, ସର୍ପାଘାତ ଓ କୁକୁର କାମୁଡାର ପ୍ରାଥମିକ ଚିକିତ୍ସା, ସମାଜରେ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବା, ପ୍ଲାଷ୍ଟିକମୁକ୍ତ ଓ ପରିବେଶ ସୁରକ୍ଷାକୁ ସେମାନେ ପ୍ରାଧାନ୍ୟ ଦେଇଥିଲେ। ଉଦ୍‌ଯାପନୀ ସଭାରେ କଲେଜ ଅଧକ୍ଷ ସୁକାନ୍ତ କୁମାର ମହାନ୍ତି ଅଧ୍ୟକ୍ଷତା କରି ସେବାର ଲକ୍ଷ୍ୟ ଓ ଏହାର ପ୍ରତିଫଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡ଼ା ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଅନୁରକ୍ତ ହୋଇ ସେବାକୁ ଅଭ୍ୟାସରେ ପରିଣତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବରିଷ୍ଠ ଅଧାପକ ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରୋଗ୍ରାମ ଅଫିସର ଲତିଫ ମହମ୍ମଦ, ଅଧାପକ ରବୀନ୍ଦ୍ର ଓଝା, ଅଭୟ କୁମାର ମହାରଣା ଓ ଅସଲମ ଅଲ୍ଲୀ ଯୋଗଦେଇ ସେବା ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ମିଟୁ ରାଉତ ସଭା ସଞ୍ଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ତ୍ରିଲୋଚନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ପାଣିରେ ବୁଡ଼ି ୪ବର୍ଷର ଶିଶୁ ମୃତ

ରାଜନଗର, ୨୧।୧୨ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ କଣ୍ଠିରା ପଞ୍ଚାୟତ ବଳରାମପୁର ଗ୍ରାମର ଅଭିରାମ ବେହେରାଙ୍କ ୪ ବର୍ଷର ଶିଶୁପୁତ୍ର ଅଭିଜିତ ଖେଳୁଥିବା ବେଳେ ଅସାବଧାନତା ଯୋଗୁ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ପରିବାର ଲୋକେ ଅଭିଜିତ ଘରକୁ ଫେରିବା ଡେରି ହେବାରୁ ଖୋଜାଖୋଜି କରିଥିଲେ। ପରେ ପୋଖରୀରୁ ମୁମୂର୍ଷୁ ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଅଭିଜିତଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ରାଜନଗର ପୋଲିସ ନଂ. ୩୬/୨୩ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଶିଶୁ ପୁତ୍ରର ମୃତ୍ୟୁରେ ପରିବାର ଏବଂ ଗାଁ ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଖେଳକୁଦ ପିଲାଙ୍କ ଦକ୍ଷତା ବୃଦ୍ଧି କରେ




କ୍ରୀଡ଼ା ଉତ୍ସବକୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପାରାଦୀପ,୨୧।୧୨(ଶରତ ରାଉତ)

### ଗଣପତି ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ

ପାରାଦୀପ ୫ନଂ. ୱାର୍ଡ ବାଲିଝରାରେ ଥିବା ଗଣପତି ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ କ୍ରୀଡ଼ା ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ବୁଧବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଇଫ୍‌କୋ ଡିଜିଏମ୍ କେ. ମୋହନ ରାଓ, ସମ୍ମାନିତ ଅତିଥିଭାବେ ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, କାଉନ୍‌ସିଲର ସ୍ୱପ୍ନାରାଣୀ ଜେନା ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ଖେଳକୁଦ ଦକ୍ଷତା ବୃଦ୍ଧି କରିଥାଏ ବୋଲି ଅତିଥି ରାଓ କହିଥିଲେ। ଗୁରୁବାର ଉଦ୍‌ଯାପନୀ ସଭାରେ ପିପିଏଲ୍ କମ୍ପାନୀ ସିଏସ୍‌ଆର୍ ମୁଖ୍ୟ ସୌମ୍ୟଶ୍ରୀ ଓମ୍‌ପ୍ରକାଶ ସାହୁ, ଅନନ୍ତ କୁମାର ଜେନା ଅତିଥି ଭାବେ ଯୋଗଦେଇ କୃତୀ ପିଲାଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ, କ୍ରୀଡ଼ା ଶିକ୍ଷକ ବିପ୍ଳବ ଚୌଧୁରୀ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏହାକୁ ପରିଚାଳନା କରିଥିଲେ।

# ସ୍ଥାୟୀ ଜମିପଟ୍ଟା ପାଇଁ ଓକିଲପାଳବାସୀଙ୍କ ଜିଲାପାଳଙ୍କୁ ଗୁହାରି

ରାଜନଗର, ୨୧।୧୨ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଅନ୍ତର୍ଗତ ଓକିଲପାଳ ଗ୍ରାମର ୨୭୦ ପରିବାର ଜୀବନ ଜୀବିକା ଓ ଚାଷଜମିର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ଧରି ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ସୁନେଇ ରୂପେଇ ଜଙ୍ଗଲ ପାଖ ଓକିଲପାଳଠାରେ ସେମାନେ ବସବାସ କରି ଆସୁଛନ୍ତି। ୧୯୭୧ ମହାବାତ୍ୟାରେ ସାତଭାୟାର ୭ଟି ଗାଁ ମଧ୍ୟରୁ ୫ଟି ସମ୍ପୂର୍ଣ୍ଣ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିଲା। ୭୫୨ଜଣ ସମୁଦ୍ର ଜୁଆରରେ ଭାସି ଆସି ସୁନେଇ ରୂପେଇ ଜଙ୍ଗଲରେ ଲାଗିଥିଲେ। ଭାଗ୍ୟ ଓ ଭଗବାନଙ୍କ ଦୟାରୁ ସେମାନେ ଜୀବନ ପାଇଥିଲେ। ପରବର୍ତ୍ତୀ ସମୟରେ ଏହି ପରିବାର ଦେବେନ୍ଦ୍ରନାରାୟଣପୁର ମୌଜାର ଓକିଲପାଳଠାରେ ବସବାସ କରିଆସୁଛନ୍ତି। ଓକିଲପାଳବାସୀଙ୍କ ଦୁଃଖ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ସେ ସମୟରେ ସମାଜ ସେବିକା ରମା ଦେବୀ ଓ ବିରଜା ଶଙ୍କର ରାୟ ପ୍ରମୁଖ ସମବେଦନା ଜଣାଇବା ସହ ଓକିଲପାଳଠାରେ ପ୍ରତ୍ୟେକ ପରିବାରକୁ ୪ରୁ ୭ ଡେସିମିଲ ଘରବାଡି ଜାଗା ଭୂଦାନ ସଂସ୍ଥା ପକ୍ଷରୁ ଯୋଗାଇ ଦେଇଥିଲେ। ସେବେଠାରୁ ଓକିଲପାଳବାସୀ ଘରବାଡି କରିବା ସହ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିକଟରେ ଓକିଲପାଳବାସୀଙ୍କ ଏହି ଚାଷଜମିକୁ ରେଭିନ୍ୟୁ ଏବଂ ଜଙ୍ଗଲ ବିଭାଗ ପକ୍ଷରୁ କଂକ୍ରିଟ ଖୁଣ୍ଟ ପକାଯାଇ ଏହାକୁ ଅବରୋଧ କରାଯାଇଛି। ଯାହାକୁ ନେଇ ଓକିଲପାଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜୀବନ ଜୀବିକା ନିର୍ବାହ ସହ ଚାଷଜମିର ସ୍ଥାୟୀ ସମାଧାନ ପାଇଁ ଓକିଲପାଳ ଗାଁର ରମେଶ ଚନ୍ଦ୍ର ଦାସ, ବିଚିତ୍ର କୁମାର ଦାସ, ପରମେଶ୍ୱର ଲେଙ୍କା, ସନ୍ତୋଷ ମଣ୍ଡଳ, ଶଙ୍କର୍ଷଣ ଲେଙ୍କା, ଅକ୍ଷୟ କୁମାର ବେହେରା, ମହେଶ୍ୱର ରାଉତ, ସଂଯୁକ୍ତା ମହାରଣା, ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ଏହି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

# ପାଟକୁରା ବିଜେଡି ପକ୍ଷରୁ ରକ୍ତଦାନ ଶିବିର

ଡେରାବିଶ,୨୧।୧୨ (ବେବର୍ତ୍ତା ଅଜୟ ଦାସ)

ପାଟକୁରା ନିର୍ବାଚନ ମଣ୍ଡଳୀ ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକଟିଆଠାରେ ପାଟକୁରା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବୀର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲାଙ୍କ ୮୮ ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି ରକ୍ତଦାନ ଶିବରକୁ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ବ୍ଲକ ବିଜେଡି ସଭାନେତ୍ରୀ ତୃପ୍ତିମୟୀ କର, ବିଜେଡି ଜିଲା ମହିଳା ସଭାପତି ରୋସନା ସାହୁ, ଓଡ଼ିଶା ମୋ ପରିବାର ସଂଯୋଜକ ରଶ୍ମିରଞ୍ଜନ ପ୍ରଧାନ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଅରବିନ୍ଦ ମଳିକ, ପ୍ରମୋଦ ରଥ, ସତ୍ୟାନନ୍ଦ ରାଉତ, ଏଲିଜା ସ୍ୱାଇଁ ଓ ଗରଦପୁର ବ୍ଲକ ଆମ୍ବା ଅଧକ୍ଷ ବାସୁଦେବ ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । କେନ୍ଦ୍ରାପଡ଼ା ବ୍ଲଡବ୍ୟାଙ୍କର ରାକେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ରଜନୀକାନ୍ତ ସେନାପତି, ସ୍ୱାତୀ ସୁମିତ୍ରା, ମନୋଜ ଦାସ, ରାଜୀବ ଲେଙ୍କା ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୧୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଦେଶ ଜାତି ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ




ମାର୍ଶାଘାଇ, ୨୧।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଶିକ୍ଷା ଦ୍ୱାରା ମଣିଷର ଚିନ୍ତାଧାରା ବିକାଶ ହୋଇଥାଏ। ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯାଏ। ତେଣୁ ଛାତ୍ରୀଛାତ୍ରମାନେ ଉଚିତ ଶିକ୍ଷା ଗ୍ରହଣ କରି ଦେଶ ଜାତି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ବୋଲି ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରକାଶ କରିଛନ୍ତି। ବୁଧବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗରଜଙ୍ଗା ଗ୍ରାମରେ ଥିବା ତାରିଣୀ ଗ୍ରୁପ ଅଫ୍ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିବା ସହ ପିଲାମାନେ ନିଜ ଭିତରେ ଅନ୍ତର୍ନିହିତ ଗୁଣାବଳୀକୁ ନେଇ ସଫଳ ହେବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷ ଜ୍ଞାନରଞ୍ଜନ କୁଣ୍ଡୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ କବୟିତ୍ରୀ ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ ପିଲାମାନେ ଜୀବନରେ କିଛି ହେବା ପାଇଁ ସଂକଳ୍ପ ରଖି, କିନ୍ତୁ ବର୍ତ୍ତମାନକୁ ନେଇ ବଞ୍ଚିବାକୁ ଚେଷ୍ଟାକର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପ୍ରମୋଦ କୁମାର ମହାପାତ୍ର ଯୋଗଦେଇଥିଲେ। ଉପଦେଷ୍ଟା ଅଧାପକ ଉମାକାନ୍ତ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶ୍ରୀବତ୍ସ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ୬ ଜଣ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖପତ୍ର ଅରୁଣିମାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜ୍ଞାନ ରଞ୍ଜନ ବସନ୍ତରା ଧନ୍ୟବାଦ ଦେଇଥିଲେ। ଅଧାପକ ଲକ୍ଷ୍ମୀଧର ଲେଙ୍କା, ଗୌତମ ରାଉତ, ତୁଷାରକାନ୍ତ ସାହୁ, ବିକ୍ରମ ପାଇଟାଲ, ସୁନୀତା ସାହୁ, ଜ୍ୟୋତିର୍ମୟୀ ସାମଲ, ଦୀପ୍ତି ଲେଙ୍କା, ଶିକ୍ଷକ ଅଶୋକ ସାହୁ, ପ୍ରଜ୍ଞାପାରମିତା ପଣ୍ଡା, ସରୋଜକାନ୍ତ ପରିଡା, ସୁଜାତା ନାୟକ, ସାଗରିକା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ

DSPL-478
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center (ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No. ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।
"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"
OIPR-13223/13/0010/2324

**ସଂକ୍ଷେପରେ**

## ପୋଲରେ ପିଟିହେଲା ବାଇକ୍, ଛାତ୍ର ମୃତ

ଫୁଲବାଣୀ/ଟିକାବାଲି, ୨୧।୧୨(ରାକେଶ କୁମାର ରାଉତ/ ଗଗନ ବିହାରୀ ପଟ୍ଟନାୟକ)

ଟିକାବାଲି ଥାନା ଅନ୍ତର୍ଗତ ବାଲାନଯୋଡି ପୋଲ ପାଖ ଖୁଣ୍ଟିରେ ଗୁରୁବାର ଏକ ବାଇକ ପିଟି ହେବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତଛାତ୍ର ହେଲେ ଫୁଲବାଣୀ ସାଲୁଙ୍କୀ ସାହିର ଅଭିଷେକ ସାହୁ(୧୮) ଓ ଗୁରୁତର ଜଣକ ରୁଜାଙ୍ଗି ଅଞ୍ଚଳର ଗୋପୀନାଥ ବେହେରା(୨୦)। ସୂଚନା ଅନୁସାରେ, ଅଭିଷେକ ଶଙ୍କରାଖୋଲ ଆଞ୍ଚଳିକ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଶ୍ରେଣୀରେ ପଢ଼ନ୍ତି। ଅପରାହ୍ନରେ ଉଭୟ ଏକ ବାଇକରେ ଶଙ୍କରାଖୋଲରୁ ଫୁଲବାଣୀ ଅଭିମୁଖେ ଆସୁଥିଲେ। ବାଲାନଯୋଡ଼ି ପୋଲ ଉପରେ ଗାଡି ଭାରସାମ୍ୟ ହରାଇ ରାସ୍ତାକଡ଼ ଖୁଣ୍ଟରେ ବାଡ଼େଇ ହୋଇଯାଇଥିଲା। ଅଭିଷେକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଗୋପୀନାଥଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଟିକାବାଲି ପୋଲିସ ଦୁର୍ଘଟଣା ଗ୍ରସ୍ତ ବାଇକ ଜବତ କରିଛି।

## କାର୍ ସହ ୧୫୮ କେଜି ଗଞ୍ଜେଇ ଜବତ

ମୋହନା, ୨୧।୧୨(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ରେଣ୍ଟୁ ଗ୍ରାମ ନିକଟରେ ଏକ କାର୍‌ରୁ ୧୮୫ କେଜି ଗଞ୍ଜେଇ ଜବତ କରିଛି। ଅନ୍ତରବା ପଟୁ ଦ୍ରୁତ ଗତିରେ କାର ଆସୁଥିଲା। ପୋଲିସକୁ ଦେଖି ରେଣ୍ଟୁ ଗ୍ରାମ ପାଖରେ କାର ଛାଡି ଗଞ୍ଜେଇ ମାଫିଆ ଚମ୍ପଟ ମାରିଥିଲେ। କାରଟିକୁ ଯାଞ୍ଚ କରିବାରୁ ସେଥିରେ ୪ଟି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ମୋହନା ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇଙ୍କ ଉପସ୍ଥିତିରେ ଓଜନ କରିବାରୁ ତାହା ୧୫୮ କିଲୋ ହୋଇଥିଲା। ଏ ନେଇ ନଂ.୧୮୮/୨୩ ରେ ମାମଲା ରୁଜୁ କରି ପୋଲିସ କାରଟିକୁ ଜବତ କରିଛି। ଉକ୍ତ ଗଞ୍ଜେଇ ମହାରାଷ୍ଟ୍ରକୁ ଯାଉଥିବା ଅଡବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଲକ୍ଷ୍ମୀପୂଜା ପାଇଁ ଉତ୍ସବମୁଖର ଖଣ୍ଡପଡ଼ା ବ୍ଲକ୍

ଖଣ୍ଡପଡ଼ା, ୨୧।୧୨(ଅଜୟ କୁମାର ମହାରଣା)

ମାର୍ଗଶୀର ମାସର ଶେଷ ଗୁରୁବାର ଅବସରରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାଲକ୍ଷ୍ମୀଙ୍କ ପୂଜାଉତ୍ସବ ଧୁମଧାମରେ ଆରମ୍ଭ ହୋଇଛି । ଖଣ୍ଡପଡ଼ା ସହରର ୩ ପୂଜାମଣ୍ଡପରେ ୨୦୧୯, ୨୦୨୧, ୨୦୨୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଓ ନିକଟସ୍ଥ ଟିଙ୍କରୁଆଠାରେ ମା'ଙ୍କ ପୂଜାଉତ୍ସବ ଅନୁଷ୍ଠିତ ହୋଇଥିଲା । ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା, ଖଳିସାହି ପଞ୍ଚାୟତର କୋଟପୋଖରୀ, ଖଳିସାହି ଲକ୍ଷ୍ମୀ ବଜାର, ମର୍ଦ୍ଦରାଜପୁର, କଣ୍ଟିଲୋ ସେବକସାହି, ଜନକଲ୍ୟାଣ କ୍ଲବ, ଯାତ୍ରାପଦା ବଜାର, ହରିସୁବୁଦ୍ଧି ପାଟଣା ସମେତ ନିକଟସ୍ଥ ବେଣାଗାଡିଆ ଓ ବରକୋଳି ଗ୍ରାମରେ ମହାଲକ୍ଷ୍ମୀ




ଖଣ୍ଡପଡା, କଣ୍ଟିଲୋରେ ପୂଜାପାଉଥିବା ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

ପୂଜା ପାରମ୍ପରିକ ରୀତିରେ ପାଳନ ହେଉଅଛି । ଏହି ଅବସରରେ ପୂଜା ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଆୟୋଜିତ ଭାଗବତ ପଠନ ଉପଭୋଗ କରିବା ପାଇଁ ଜନ ସମାଗମ ହୋଇଥିଲା । ବିଶେଷ କରି କଣ୍ଟିଲୋ ସେବକସାହି ଦୋଳବେଦୀ ଠାରେ ଅନୁଷ୍ଠିତ ମା'ଲକ୍ଷ୍ମୀଙ୍କ ପୂଜା ଅବସରରେ ଗୁରୁବାର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ହରିସୁବୁଦ୍ଧି ପାଟଣା ଗ୍ରାମରେ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାପାଉଛନ୍ତି । ମାଣବସା ଗୁରୁବାର ଶେଷ ତିଥିରେ ପ୍ରତ୍ୟେକଙ୍କ ଘରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ମହିଳାମାନେ ଘରଦ୍ୱାରକୁ ଲିପା ପୋଛା କରିବା ସହ ଝୋଟି ଚିତା ପକାଇ ମା'ଙ୍କୁ ଆରଧନା କରିଥିଲେ। ମା'ମହାଲକ୍ଷ୍ମୀଙ୍କ ପୂଜା ଯୋଗୁ ସହରଠାରୁ ଆରମ୍ଭ କରି ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଛି । ସେହିପରି ଓଡିଆ କୂଳ ଯୁବକ ସଂଘ ପକ୍ଷରୁ ବାଇଗୁଣିଆଁ ଗ୍ରାମରେ ମହାଲକ୍ଷ୍ମୀଙ୍କ ପୂଜା ଆନନ୍ଦ ଉଲ୍ଲାସର ସହ ଆରମ୍ଭ ହୋଇଛି । ବିଶେଷକରି ବେଣାଗାଡିଆ ଓ ଶିଖରପୁର ଗ୍ରାମବାସୀଙ୍କ ପକ୍ଷରୁ ଆଜିଠାରୁ ୪ଦିନ ବ୍ୟାପୀ ପୂଜା ଉତ୍ସବ ଅନୁଷ୍ଠିତ ହେବ ।

# ୨ ବେଆଇନ ହମ୍ପସ୍ ଭାଙ୍ଗିଲା

ଓଡଗାଁ, ୨୧।୧୨(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ଓ ଏନଏସି ଉପକଣ୍ଠ ରଙ୍ଗଣୀପାଟଣା ପଞ୍ଚାୟତ ବାହାଡାପିଠା ଗ୍ରାମରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ୨ ହମ୍ପସକୁ ପୋଲିସ ଉଚ୍ଛେଦ କରିଛି । ସୂଚନା ଅନୁସାରେ ଓଡ଼ଗାଁ-ବାହାଡାଝୋଲା ରାସ୍ତାରେ ଥିବା ଏହି ଗ୍ରାମର କେତେଜଣ ଯୁବକ ଜୋରଜବରଦସ୍ତ ସିମେଣ୍ଟ ଇଟା ଓ କଂକ୍ରିଟରେ ୨ଟି ହମ୍ପସ ନିର୍ମାଣ କରିଥିଲେ। ଏନେଇ ସେମାନେ କୌଣସି ବିଭାଗୀୟ ଅଧିକାରୀଙ୍କ ଅନୁମତି ନେଇ ନ ଥିଲେ। ପଡୋଶୀ ମଶାବରୀ ଗ୍ରାମର ଅନେକ ଚାଷୀ ଭୋରୁ ଓଡ଼ଗାଁ ମଣ୍ଡିକୁ ସାଇକେଲ ଓ ବାଇକ୍‌ରେ ପରିବା ବୋହି ଆଣିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏପରି କି ରାତିରେ ଯାତ୍ରା ଦେଖିବାକୁ ଆସିଥିବା କେତେଜଣ



ବାଇକ୍ ଆରୋହୀ ହମ୍ପସରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଫଳରେ ସମ୍ପୃକ୍ତ ଗ୍ରାମବାସୀ ବୁଧବାର ଥାନାରେ ପହଞ୍ଚି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ । ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବାହାଡାପିଠା ଗ୍ରାମବାସୀଙ୍କୁ ଡକାଇ ହମ୍ପସ ଭାଙ୍ଗିବାକୁ ତାଗିଦ କରିଥିଲା । ଲୋକଙ୍କ ସୁବିଧା ପାଇଁ ରାସ୍ତାରେ ଦୁଇଟି ଗତିରୋଧକ ଷ୍ଟିଲ ବୋର୍ଡ ରଖିବାକୁ କହିଲା ପରେ ସନ୍ଧ୍ୟା ସୁଦ୍ଧା ବେଆଇନ ହମ୍ପସ ଭାଙ୍ଗି ଦିଆଯାଇଥିଲା ।

## ଟ୍ରାକ୍ଟର ଚକା ତଳେ ଚାପିହୋଇ ଜଣେ ମୃତ

ଓଡ଼ଗାଁ, ୨୧।୧୩ (ଆଦର୍ଶ କୁମାର ପଟ୍ଟନାୟକ )

ବୁଧବାର ବିଳମ୍ବିତ ରାତିରେ ଓଡ଼ଗାଁ ଥାନା ଗିରିଡିପଲ୍ଲୀ ପଞ୍ଚାୟତ ଖାଡସାହି ଗ୍ରାମରେ ଟ୍ରାକ୍ଟର ଚକା ତଳେ ଚାପିହୋଇ ଲଡ୍ଡୁ ନାୟକ (୫୯) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଓଡ଼ଗାଁ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପୋଲିସ ଏକ ମାମଲା(ନଂ.୨୯୩/୨୩) ରୁଜୁ କରିଛି । ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର(ନଂ.ଓଡି ୨୫ ଏନ ୩୬୧୨) ଜବତ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ବୁଧବାର ବିଳମ୍ବିତ ରାତିରେ ଟ୍ରାକ୍ଟରରେ ମାଟି ଆଣି ଲଡ୍ଡୁ ନିଜ ନିର୍ମାଣଧୀନ ଘରକୁ ପୋତୁଥିଲେ। ଟ୍ରାକ୍ଟର ପଛରେ ସେ ରହି ଥିବା ଜାଣି ନ ପାରି ଟ୍ରାକ୍ଟର ଚାଳକ ମାଟି ବୋଝେଇ ଡାଲାକୁ ଟେକି ଦେଇଥିଲେ । ଫଳରେ ମାଟି ତଳେ ଚାପି ହୋଇଯିବାରୁ ଲଡ୍ଡୁଙ୍କ କୌଣସି ସ୍ୱରଶବ୍ଦ ଶୁଣାଯାଇ ନ ଥିଲା । ଅଜାଣତରେ ସେ ମାଟି ତଳେ ପୋତି ହୋଇ ଯାଇଥିବା ବେଳେ ଲଡ୍ଡୁଙ୍କ ଉପରେ ଟ୍ରାକ୍ଟର ଚକା ମାଡି ଯାଇଥିଲା । ସେ ସମ୍ପର୍କରେ ଜାଣିବା ବେଳକୁ ତାଙ୍କ ମୃତ୍ୟୁ ଘଟି ସାରିଥିଲା । ଟ୍ରାକ୍ଟର ଚାଳକ ଫେରାର ଅଛନ୍ତି । ବାହାଡାଝୋଲା ଫାଣ୍ଡି ଅନ୍ତର୍ଗତ ବନ୍ଧାଭୁଇଁ ଗାଁର ଟ୍ରାକ୍ଟର ମାଲିକ ଶଙ୍କର ସାହୁ ଥାନାରେ ହାଜର ହେବାକୁ ଓଡ଼ଗାଁ ପୋଲିସ ନୋଟିସ ଜାରି କରିଛି ।

# କୂଅରେ ପଡ଼ି ଶିଶୁକନ୍ୟା ମୃତ

**ଖେଳୁଥିବାବେଳେ ମୃତ୍ୟୁ ଆସିଲା**

ନୟାଗଡ଼/ନୂଆଗାଁ, ୨୧।୧୨ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନିଜ ଅଜା ଘର ନୂଆଗାଁ ଥାନା ସୋରଡା ଗାଁରେ ଖେଳୁଥିବାବେଳେ କୂଅରେ ଖସି ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଛି । ମୃତକ ହେଲେ ପ୍ରୀୟଦର୍ଶନୀ ନାୟକ (ଦେଢ଼ ବର୍ଷ)। ଘର ଶରଣକୁଳ ଥାନା ଆଙ୍ଗିସିଙ୍ଗି ଗାଁରେ । ପ୍ରୀୟଦର୍ଶନୀ ମା ସହ କିଛି ଦିନ ହେବ ଅଜା ଘରକୁ ଆସିଥିଲେ । ଅଜା ଘରେ ଲକ୍ଷ୍ମୀ ପୂଜା ଚାଲିଥିବାବେଳେ ଗୁରୁବାର କୂଅ ନିକଟରେ ଆଙ୍ଗିସିଙ୍ଗି ଗାଁର ପ୍ରଭାତ କୁମାର ନାୟକଙ୍କ ଝିଅ ଖେଳୁଥିଲେ । ଖୋଜାଖୋଜି ପରେ ଶିଶୁକନ୍ୟାର ଟେର ନ ମିଳିବାରୁ କୂଅରେ ପଡିଥିବା ଦେଖିବାକୁ ମିଳିଥିଲା । ପରିବାର ପକ୍ଷରୁ ଗୁରୁତର ଅବସ୍ଥାରେ ଶିଶୁକନ୍ୟାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ନୟାଗଡରେ ଡାକ୍ତର ମୃତ ଘୋଷଣା କରିଥିଲେ । ନୂଆଗାଁ ଥାନା ପୋଲିସ ବ୍ୟବଚ୍ଛେଦ କରାଇ ମୃତଦେହକୁ ପରିବାର ଲୋକଙ୍କୁ ଫେରାଇଛି । ଅନ୍ୟପକ୍ଷେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଟ୍ରେଲର ପଛରେ ପିଟିହେଲା ପିକ୍‌ନିକ୍ ଗାଡ଼ି



## ଜଣେ ମୃତ, ୫ ଆହତ

ନୟାଗଡ଼/ଦଶପଲ୍ଲା, ୨୧।୧୨ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥର ଟାକେରା ବଗୁଡ଼ା ମଧ୍ୟବର୍ତ୍ତୀ ଅଞ୍ଚଳର ଝିଣ୍ଟିକାବାରି ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା ଏକ ଟ୍ରେଲର ପଛରେ ଟ୍ରାଭେଲର ନାମକ ମିନି ବସ ପିଟି ହେବାରୁ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ମୃତକ ହେଲେ କଟକ ଜିଲା ଆଠଗଡ ଥାନା କନ୍ଦରପୁରର ରାଉତରାପୁର ଗାଁର ତ୍ରିଲୋଚନ ରାଉତ(୩୦) । ଆଠଗଡ ଅଞ୍ଚଳର ସତ୍ୟାନନ୍ଦ ରାଉତ, ତ୍ରିଲୋଚନ ନାୟକ, ବାଦଲ ରାଉତ, ନରେନ୍ଦ୍ର ସାହୁ, କେଦାର ରାଉତ ପ୍ରମୁଖ ୫ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ଖବର ପାଇ ଦଶପଲ୍ଲା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ମୃତକ ଓ ଆହତମାନଙ୍କୁ ଉଦ୍ଧାର କରିଥିଲେ । ଆମ୍ବୁଲାନ୍ସରେ ଆହତମାନଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଆହତମାନେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି । ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ସଂକ୍ରାନ୍ତରେ ଦଶପଲ୍ଲା ଥାନାରେ ଏକ ମାମଲା(ନଂ.୩୧୭/୨୩ )ରୁଜୁ ହୋଇଛି। ଉପରୋକ୍ତ ଲୋକମାନେ ପଶ୍ଚିମାଞ୍ଚଳ ପରିଦର୍ଶନ କରି ଉକ୍ତ ଟ୍ରାଭେଲର ଗାଡିରେ ଘରକୁ ଫେରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା ।

# ମହିଳା ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଖଣ୍ଡପଡ଼ା, ୨୧।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳ ମହିଳା ମହାବିଦ୍ୟାଳୟର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଆୟୋଜିତ ଲମ୍ଫ ଡିଆଁ, ଉଚ୍ଚ ଡିଆଁ, କ୍ୟାରେମ, ଖୋଖୋ, ବ୍ୟାଟମିଣ୍ଟନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଯୁକ୍ତ-୨ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ମାନପତ୍ର ଆସନ୍ତା ୨୭ ତାରିଖରେ ଆୟୋଜିତ ବାର୍ଷିକ ଉତ୍ସବରେ ପ୍ରଦାନ କରାଯିବ ବୋଲି ଅଧକ୍ଷା ସ୍ମିତା ଶେଫାଳୀ ମହାପାତ୍ର କହିଛନ୍ତି । ଉଦ୍‌ଯାପନୀ ଉତ୍ସବରେ ନୋଡାଲ ଅଫିସର ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି, ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ, ଝରଣା ସ୍ୱାଇଁ ଓ ଅତିଥି ଭାବେ ୧ନଂ.କାଉନସିଲର ସରୋଜ କୁମାର ପ୍ରଧାନ, କ୍ରୀଡ଼ାବିତ ଭିକାରୀ ଖଣ୍ଡାୟତ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ ।

# ମହାବିଦ୍ୟାଳୟ ତରଫରୁ ସଫେଇ କାର୍ଯ୍ୟକ୍ରମ

ଦଶପଲ୍ଲା, ୨୧।୧୨(ପ୍ରକାଶ କୁମାର ପାଣି )

ବୁଧବାର ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ସମାଜ ସେବା ସଙ୍ଗଠନ ତରଫରୁ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରମାନେ ସପ୍ତେଶ୍ୱର ମହାବୀର ମନ୍ଦିର ପରିସର ସଫେଇ କରିବା ସହ ପଲିଥିନ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଅଧ୍ୟାପକ ନିହାର ରଞ୍ଜନ ପଣ୍ଡା ,ଅଧ୍ୟାପକ ସରୋଜ କୁମାର ପଣ୍ଡା,ରମେଶ କୁମାର ଦାଶ, କ୍ଷୀରୋଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଯିବା ବେଳେ ପଲିଥିନ ମୁକ୍ତ ପାଇଁ ସ୍ଲୋଗାନ ଦେଇ ମହାବିଦ୍ୟାଳୟଠାରୁ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ପ୍ରତିମା ପ୍ରଧାନ, ସସ୍ମିତା ମୁଦୁଲି, ଯାଜ୍ଞସେନୀ ପାଣି, ଅଧ୍ୟାପକ ଦିଲୀପ ବାରିକ ,ସଞ୍ଜିତ୍ କହଁର, ଅମରେନ୍ଦ୍ର ସାହୁ , ଜ୍ୟୋତି ରଞ୍ଜନ ପଣ୍ଡା, ରାକେଶ କୁମାର ପ୍ରଧାନ, ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ ।

# ଜଳ ସଂରକ୍ଷଣ, ଫସଲ ପରିଚାଳନା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀ ବୃନ୍ଦ।

ଦିଗପହଣ୍ଡି, ୨୧।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକର କନ୍ହେଇନାଳ କ୍ଷୁଦ୍ରସେଚ ପ୍ରକଳ୍ପକୁ ବିକଶିତ କରାଇ ଏକ ସୁନ୍ଦର ପ୍ରକଳ୍ପ କରାଯିବ। ଏହି ପ୍ରକଳ୍ପର ସେଚାଞ୍ଚଳରେ ଯାହା ସବୁ ସମସ୍ୟା ଅଛି ପର୍ଯ୍ୟାୟକ୍ରମେ ତାହାର ସମାଧାନ କରାଯିବ। ଗତ ୨୦୧୪-୧୫ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ଶ୍ରେଷ୍ଠ ପାଣିପଞ୍ଚାୟତ ଭାବେ ରାଜ୍ୟ ସରକାରଙ୍କଠାରୁ ପୁରସ୍କାରପ୍ରାପ୍ତ ହୋଇଥିଲା। ତାହାର ସୁନାମକୁ ଅକ୍ଷୁଣ୍ଣ ରଖିବା ପାଇଁ କ୍ରମାଗତ ଭାବେ ଉଦ୍ୟମ କରାଯିବ। ଏଥିପାଇଁ ସେଚାଞ୍ଚଳ ଚାଷୀ ଓ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ଆବଶ୍ୟକ ବୋଲି ବୁଧବାର ଆୟୋଜିତ ଜଳ ସଂରକ୍ଷଣ ଓ ଫସଲ ପରିଚାଳନା ସମ୍ପର୍କିତ କର୍ମଶାଳାରେ ଯୋଗଦେଇ କ୍ଷୁଦ୍ରଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉପସ୍ଥିତ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ର ଶସ୍ୟ ବିଜ୍ଞାନୀ ସସ୍ମିତା ପ୍ରିୟଦର୍ଶିନୀ ଯୋଗଦେଇ କମ ପାଣିରେ ଅଧିକ ଲାଭକାରୀ ଫସଲ କରି ଚାଷୀ କିପରି ଲାଭବାନ ହୋଇପାରେ ସେ ଉପରେ ଚାଷୀମାନଙ୍କୁ ବୁଝାଇଥିଲେ। ଅପରପକ୍ଷେ ଏହି ସେଚପ୍ରକଳ୍ପ ଅଧିନସ୍ଥ ବଡଡୁମୁଳା ବୃହତ ସେଚାଞ୍ଚଳ କିନ୍ତୁ ଏହି ଅଞ୍ଚଳର ସରପଞ୍ଚ କିମ୍ବା ଚାଷୀମାନଙ୍କୁ ଏହି କର୍ମଶାଳା ସମ୍ପର୍କରେ ଜଣାଇ ନଥିବାରୁ ସରପଞ୍ଚ ଗୀତାଞ୍ଜଳୀ ଜାନୀ କ୍ଷୋଭ ପ୍ରକାଶ କରିବା ସହ ଏହି ପଞ୍ଚାୟତର ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଦିଗପହଣ୍ଡି କ୍ଷୁଦ୍ରସେଚ ଉପଖଣ୍ଡ କାର୍ଯ୍ୟାଳୟର ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରିତ କୁମାର ଦାସ, ବାଲିଗୁଡ଼ା କ୍ଷୁଦ୍ରସେଚ ବିଭାଗର ସହକାରୀ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଗୌଡ଼, ବ୍ରହ୍ମପୁର ସେକ୍ସନର ସହକାରୀ ଯନ୍ତ୍ରୀ ଗଜାନନ ନାୟକ, ଟିକିଟି ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନିତା ଜେନା ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

DSPL-478

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

ORERA

Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

**Facilitation Center (ସହଯୋଗ କେନ୍ଦ୍ର)**

ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ ନେଇପାରିବେ।

**CDR ସେଲ୍**

Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

**QPR**

Quarterly Progress Report (QPR) ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

**ORERA Regn. No. ଏବଂ website**

ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0010/2324

# ଚଢ଼ାଉକାରୀ ଦଳରେ ଖବରୀ

- ଖାଲି ହାତରେ ଫେରୁଛି ଲଘୁ ଖଣି ବିଭାଗ
- ଧର୍ମଶାଳାରେ କଳାପଥର ଲୁଟ୍, ବିପୁଳ ରାଜସ୍ୱ ହାନୀ
- ଆରୁହା, ଡଙ୍କାରୀ ପାହାଡ଼କୁ ଅଣଦେଖା
- ବେଆଇନ ଭାବେ ଚାଲିଛି ଏକାଧିକ କ୍ରଶର
- ପବ୍ଲିକ ଆକାଉଣ୍ଟ କମିଟି ବୈଠକରେ ଗୁରୁତ୍ୱାରୋପ

**ଯାଜପୁର,୨୧।୧୨(ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟର ବିଭିନ୍ନ ଜିଲାର କଳାପଥର ଲୁଟ୍ କାରବାରକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ରାଜସ୍ୱ ବିଭାଗଠାରୁ ଖଣି ବିଭାଗକୁ ଦାୟିତ୍ୱ ହସ୍ତାନ୍ତର ହୋଇଛି। ଏହିକ୍ରମରେ ରାଜ୍ୟ ସରକାର ଏକ ଲଘୁ ଖଣି ନିର୍ଦ୍ଦେଶାଳୟ ବିଭାଗ ସୃଷ୍ଟି କରିଛନ୍ତି । ଏହି ନିର୍ଦ୍ଦେଶାଳୟ ଅଧୀନରେ ଯାଜପୁର, ଭଦ୍ରକ, ଖୋର୍ଦ୍ଧା ଓ ଜୟପୁର ଠାରେ ଲଘୁ ଖଣି ଉପନିର୍ଦ୍ଦେଶାଳୟ (ଡିଡିଏମ୍) କାର୍ଯ୍ୟାଳୟ ଆରମ୍ଭ ହୋଇଛି। ଏହି ପ୍ରତ୍ୟେକ ଡିଡିଏମ୍ କାର୍ଯ୍ୟାଳୟରେ ଆବଶ୍ୟକ ସହାୟକ କର୍ମଚାରୀଙ୍କୁ ଅବସ୍ଥାପିତ କରାଯାଇଛି। ଡିଡିଏମ୍ ପକ୍ଷରୁ ଲଘୁ ଖଣି ପରିଚାଳନା ଏବଂ ନିୟନ୍ତ୍ରଣ କରିବାକୁ ଆବଶ୍ୟକ ପଦକ୍ଷେପ ଆରମ୍ଭ ହୋଇ ସାରିଛି। ତେବେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଏଯାଏ ଡିଡିଏମ୍ ସେତେଟା ପ୍ରଭାବଶାଳୀ ହୋଇ ପାରି ନ ଥିବା ମନେ ହେଉଛି। ଧର୍ମଶାଳା ଅଞ୍ଚଳରେ ଲଘୁ ଖଣି ବେଆଇନ ଉତ୍ତୋଳନରେ ପୂର୍ବରୁ ବହୁ ପ୍ରଭାବଶାଳୀ ରାଜନେତା ଓ ବ୍ୟକ୍ତିଙ୍କ ପତିଆରା ଥିବାରୁ ଡିଡିଏମ୍ ପାଇଁ ଏଭଳି ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ଚର୍ଚ୍ଚା ହେଉଛି। ଏହାସହ ପ୍ରତ୍ୟେକ ଚଢ଼ାଉକାରୀ ଦଳରେ ଏକାଧିକ ଖବରୀ ରହିଥିବାରୁ ପଦକ୍ଷେପ ନେବା ପୂର୍ବରୁ ବେଆଇନ କଳାପଥର ଖନନକାରୀଙ୍କ ପାଖରେ ସୂଚନା ପହଞ୍ଚି ଯାଉଥିବାରୁ କାର୍ଯ୍ୟାନୁଷ୍ଠାନ ସେତେଟା ସହଜ ହୋଇ ପାରୁ ନ ଥିବା ମତପ୍ରକାଶ ପାଇଛି।

ଗତ ଅକ୍ଟୋବରରେ ପବ୍ଲିକ ଆକାଉଣ୍ଟ କମିଟିର ସବ୍ କମିଟି-୧ ଧର୍ମଶାଳା ଅଞ୍ଚଳର କଳାପଥର ଖାଦାନଗୁଡ଼ିକୁ ପରିଦର୍ଶନରେ ଯାଇଥିଲେ। ଏଥିରେ ବିଧାୟକ ମୋହନ ଚରଣ ମାଝି, ସୁକାନ୍ତ କୁମାର ନାୟକ, ନାଉରୀ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହାକୁ ନେଇ ସବ୍ କମିଟି-୧ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଖଣି, ନିର୍ମାଣ ପ୍ରଭୃତି ବିଭାଗୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ ଗତ ୧୬।୧୧।୨୦୨୩ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକର ବିବରଣୀ ଅନୁଯାୟୀ, କମିଟି ଯାଜପୁର ଜିଲାର କଳାପଥର ଖାଦାନଗୁଡ଼ିକର ସ୍ଥିତି, ଖାଦାନଗୁଡ଼ିକର ବାର୍ଷିକ ଉତ୍ତୋଳନ ପରିମାଣ, କଳାପଥର ଜିଲା ଭିତରେ ଓ ବାହାର ଜିଲାର ବ୍ୟବହାର ପରିମାଣ, ରାଜସ୍ୱ ଆଦାୟ ଓ ହାଇକୋର୍ଟରେ ହୋଇଥିବା ମାମଲାଗୁଡ଼ିକର ସ୍ଥିତି ସମ୍ପର୍କରେ ରିପୋର୍ଟ ମାଗିଥିଲା। କିନ୍ତୁ ଯାଜପୁର ଜିଲାପାଳ ରିପୋର୍ଟ ଦାଖଲ କରି ନ ଥିବାରୁ ତାଙ୍କୁ କାରଣ ଦର୍ଶାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜରୁରୀ ନିର୍ବାଚନ ବୈଠକରେ ଉପସ୍ଥିତ ହେବାକୁ ପଡିବାରୁ ଜିଲାପାଳ ଉପସ୍ଥିତ ହୋଇ ପାରିଲେ ନାହିଁ ବୋଲି ଏଡିଏମ୍ ସୂଚନା ଦେଇଥିଲେ। ତେବେ ଉଚ୍ଚସ୍ତରରେ ଏଭଳି ଏକାଧିକ ବୈଠକ ସହ ଡିଡିଏମ୍ କାର୍ଯ୍ୟାଳୟ ଖୋଲିବା ସତ୍ତ୍ୱେ ଲଘୁ ଖଣି ଲୁଟ୍ କାରବାର ନିୟନ୍ତ୍ରଣ ହୋଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।



କ୍ରଶରରେ ଚଢ଼ାଉ କରିବାକୁ ଆସିଥିବା ମିଳିତ ଟିମ୍।

ସୂଚନା ଅନୁଯାୟୀ, ଆରୁହା କଳାପଥର ଖାଦାନଗୁଡ଼ିକରେ ଏବେ ବି ବିପୁଳ ପରିମାଣର କଳାପଥର ଚୋରି ହେଉଥିବା ଅଭିଯୋଗ ହେଉଛି। ଏଠାରେ ୪ଟି କ୍ରଶର ବେଆଇନ ଭାବେ ଚାଲିଥିବା ସୂଚନା ମିଳିଛି। ଏହି କ୍ରଶରଗୁଡ଼ିକରେ ବେଆଇନ ଭାବେ କଳାପଥର ଗଚ୍ଛିତ ରହି ଅନ୍ୟତ୍ର ପରିବହନ ହେଉଥିଲେ ହେଁ ରାଜସ୍ୱ କିମ୍ବା ଖଣି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ରହିଛି। ବୁଧବାର ବିଛାଖଣ୍ଡି, ଚକ୍ରଧରପୁର ଓ ବାଜବାଟୀ ଅଞ୍ଚଳରେ ଥିବା କ୍ରଶର ଏବଂ ବେଆଇନ କଳାପଥର ଖାଦାନଗୁଡ଼ିକ ଉପରେ ରାଜସ୍ୱ, ଲଘୁ ଖଣି ଏବଂ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ ହୋଇଥିଲା। ତେବେ ଏହା କେବଳ ଲୋକ ଦେଖାଣିଆ ହୋଇଥିବାବେଳେ ଡଙ୍କାରୀ, ମାଲଗଡ଼ିଆ, ଗୋବରେଶ୍ୱର, ରାହାଡ଼ପୁର, ରାୟଗଡ଼ା, ଆରୁହା, ଡଙ୍କାରୀ ଆଦି ଅଞ୍ଚଳରେ ଥିବା ମେଗା କ୍ରଶରଗୁଡିକରେ ବହୁ ପରିମାଣରେ ବେଆଇନ କଳାପଥର ମହଜୁଦ ରହିଥିବା ଘଟଣାକୁ ଚଢ଼ାଉ ଟିମ୍ ଅଣଦେଖା କରିଥିବା ଅଭିଯୋଗ ହେଉଛି। ଏହାବାଦ୍ ମିଳିତ ଚଢ଼ାଉ କରିବା ପୂର୍ବରୁ ବେଆଇନ କଳାପଥର ଉତ୍ତୋଳନକାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିଜର ସରଞ୍ଜାମ ଓ ମେଶିନ ଧରି ଫେରାର ହୋଇଯାଇଥିବା ସୂଚନା ମିଳିଛି। ଏହିକ୍ରମରେ ଚଢ଼ାଉ ଟିମ୍‌ରେ ହିଁ ବେଆଇନ ଉତ୍ତୋଳନକାରୀଙ୍କ ଖବରୀ ରହିଥିବା ସନ୍ଦେହ କରାଯାଇଛି। ରାଜସ୍ୱ ଓ ପୋଲିସ ଟିମ୍‌ରେ କେତେକ କର୍ମଚାରୀ ମାସିକ ଚାନ୍ଦା ନେଇ ବେଆଇନ କଳାପଥର ଉତ୍ତୋଳନକୁ ପ୍ରୋତ୍ସାହନ ଦେଉଥିବାରୁ ଏଠାରେ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ହେଉଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଚଢ଼ାଉ ତାଙ୍କ ଉପସ୍ଥିତିରେ ପ୍ରଥମ ଥିଲା। ତେଣୁ ପରବର୍ତ୍ତୀ ପଦକ୍ଷେପ ଯୋଜନାବଦ୍ଧ ଭାବେ କରାଯାଇ ତାକୁ ନିଶ୍ଚିତ ଭାବେ ସଫଳ କରାଯିବ ।

## ଟିପ୍ପର ଧକ୍କାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭାଙ୍ଗି ଜଳିଲା

**ପାଣିକୋଇଲି,୨୧।୧୨(ବିକାଶ ମଲ୍ଲିକ):**

ପାଣିକୋଇଲି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗୁରୁବାର ବାଲି ବୋଝେଇ ଏକ ଟିପ୍ପର ବିଦ୍ୟୁତ୍ ସବଷ୍ଟେଶନରେ ଧକ୍କା ହୋଇଛି। ଫଳରେ ସବ୍‌ଷ୍ଟେଶନର ଟ୍ରାନ୍ସଫର୍ମର ଭାଙ୍ଗି ଜଳିଯାଇଛି। ଖବରପାଇ ଯାଜପୁର ରୋଡ୍ ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ। ଉକ୍ତ ଦୁର୍ଘଟଣାରେ ଧନଜୀବନ କ୍ଷୟକ୍ଷତି ହୋଇନାହିଁ। ହେଲେ ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ଅନ୍ଧାରରେ ରହିଛନ୍ତି।

ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ଶିକ୍ଷାକେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିପାଇଁ ଏକ ଟିପ୍ପର ଉକ୍ତ ଶିକ୍ଷାକେନ୍ଦ୍ରକୁ ବାଲି ନେଇ ଆସିଥିଲା। ଟିପ୍ପର ଚାଳକ ଶିକ୍ଷାକେନ୍ଦ୍ରକୁ ଗାଡ଼ି ବୁଲାଇବାବେଳେ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ସବଷ୍ଟେଶନ ଷ୍ଟେ ଉପରେ ଗାଡ଼ି ଚଢି ଯାଇଥିଲା। ଫଳରେ ଖୁଣ୍ଟଗୁଡ଼ିକ ଭାଙ୍ଗିଯିବା ସହିତ ୧୧ କେଭି ଲାଇନ ସଟସର୍କିଟ ହୋଇ ଡୋଡା ହୋଇ ଫୁଟିଥିଲା ଏବଂ ଟ୍ରାନ୍ସଫର୍ମରରେ ନିଆଁ ଲାଗି ତାହା ଜଳିବାକୁ ଲାଗିଥିଲା। ଏହାଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ନିକଟରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟର କର୍ମଚାରୀ ଆସି ବିଦ୍ୟୁତ୍ ସରାବରାହ ବିଚ୍ଛିନ୍ନ କରିବା ସହିତ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଏନେଇ ବିଦ୍ୟୁତ ବିଭାଗ ତରଫରୁ ପାଣିକୋଇଲି ଥାନାରେ ଅଭିଯୋଗ କରାଯାଇଥିବା ଉପଖଣ୍ଡ ଅଧିକାରୀ ଅସିତ ଅମିତାଭ ଧଳ ସୂଚନା ଦେଇଛନ୍ତି।



ଟ୍ରାନ୍ସଫର୍ମର ଜଳୁଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

**ଧର୍ମଶାଳା,୨୧।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ରଥିଆ ନିକଟରେ ଗୁରୁବାର ସକାଳୁ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି।

ସୂଚନା ମୁତାବକ, ପୂର୍ବରୁ ରାଜପଥରେ ଛିଡ଼ା ହୋଇଥିବା ଏକ ଟ୍ରେଲର ପଛରେ ଧାନ ମେଶିନ ବୋଝେଇ ଏକ ଆଇଚର ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଦୁର୍ଘଟଣାର କିଛି ସମୟ ପରେ ପ୍ଲାଷ୍ଟିକ ଗ୍ଲାସ ବୋଝେଇ ଓଡି-୦୧-ଏଡି-୮୪୮୭ ନଂ. ଏକ ପିକ୍‌ଅପ୍‌ଭ୍ୟାନ ଆଇଚର ପଛ ପଟେ ପିଟିହୋଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପିକଅପ୍ ଭ୍ୟାନ୍ ଡ୍ରାଇଭରଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡ୍ରାଇଭର ବାଲେଶ୍ୱର ଜିଲା ସିଂଲା ଥାନା ବାହାଦୁଲପୁର ଗ୍ରାମର ଅବନୀ ସାହୁ (୪୩)ବୋଲି ଜଣାପଡ଼ିଛି। ଗୁରୁତର ଶଶାଣ ପଟ୍ଟନାୟକ, ଏମଡି ଖରିଫ, ମୁଷାଜ ଖାଁ ଓ ଅବଦୁତ ରାଉତ ବୋଲି ସୂଚନା ମିଳିଛି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ନଂ.୮୦୯/୨୩ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ଜେସିବି ଜବତ, ୫୦ ହଜାର ଟଙ୍କା ଜରିମାନା ଆଦାୟ

**ଧର୍ମଶାଳା,୨୧।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ତହସିଲ ଆରୁହା ମୌଜାରୁ ବେଆଇନ ଭାବେ ମାଟି ଉତ୍ତୋଳନ କରୁଥିବା ଏକ ଜେସିବି ମେଶିନକୁ ଗୁରୁବାର ତହସିଲ ପକ୍ଷରୁ ଜବତ କରାଯିବା ସହ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ମାଟି ଉତ୍ତୋଳନ କରୁଥିଲେ। ଖବର ପାଇ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ତହସିଲଦାର ତପନ ମଲ୍ଲିକ, ଆରୁହା ଆରଆଇ ମନୋଜ ସାମଲ ପ୍ରମୁଖ ଚଢ଼ାଉ କରିଥିଲେ। ଜେସିବି ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କିଶୋର



@ ପରମଚରଣ



@ ଅଭିରାମ



@ ଅନିଲ



@ ପ୍ରଭଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କାର୍‌ଗିଲ ବିଜୟ ଦିବସରେ ଅତିଥି ହେଲେ କ୍ଷୀରୋଦ

**ଚଣ୍ଡିଖୋଲ,୨୧।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ଅବସରପ୍ରାପ୍ତ ସୈନିକ ତଥା ପରିବେଶବିତ୍ କ୍ଷୀରୋଦ ଜେନା ୧୫ ତାରିଖ କାର୍‌ଗିଲ ବିଜୟ ଦିବସରେ ନୂଆଦିଲ୍ଲୀସ୍ଥିତ ଆଟହୋମରେ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଭାରତର ସ୍ଥଳସେନା ମୁଖ୍ୟ ମନୋଜ ପାଣ୍ଡେଙ୍କଠାରୁ ନିମନ୍ତ୍ରଣ ପାଇ ସେ ଦିଲ୍ଲୀ ଗସ୍ତ କରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଟହୋମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ସହ ଉପରାଷ୍ଟ୍ରପତି ଜଗଦୀପ ଧନକଡ଼, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ସେନା ମୁଖ୍ୟଙ୍କୁ ଭେଟିଥିଲେ।

କ୍ଷୀରୋଦ ୧୫ ବର୍ଷ ସୈନ୍ୟ ବାହିନୀରେ ଚାକିରି କରି ଅବସର ନେବାପରେ ଚାରାରୋପଣ କରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ୧୦ ବର୍ଷ ମଧ୍ୟରେ ୨୦ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରି ସେ ଗଛ ମଣିଷ ପାଲଟିଛନ୍ତି। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କଳାଶ୍ରୀ ଗ୍ରାମରେ ତାଙ୍କ ଘର। ସେ ବିଭିନ୍ନ ରାସ୍ତା ପାର୍ଶ୍ୱ ଓ ପାହାଡ଼ ପର୍ବତରେ ଫଳନ୍ତି ଚାରାରୋପଣ କରିଛନ୍ତି। କ୍ଷୀରୋଦ କୁହନ୍ତି, ଆମ୍ବ, ପିଜୁଳି, ପଣସ ଓ ଜାମୁ ଆଦି ଫଳନ୍ତି ଚାରାରୋପଣ କଲେ ପରିବେଶ ସୁରକ୍ଷା ହେବା ସହ ବନ୍ୟ ଜନ୍ତୁମାନେ ଆହାର ପାଇବେ। ସେମାନେ ଆଉ ଚାଷୀଙ୍କ ଫସଲ ନଷ୍ଟ କରିବେ ନାହିଁ। ସେଥିପାଇଁ ସେନା ମୁଖ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବରୁ ସେ ଷୋଳପୁଅ ମା’ ପାହାଡ ସମେତ ରାସ୍ତା ପାର୍ଶ୍ୱରେ ନିଜ ପେନ୍‌ସନ ଟଙ୍କାରେ ଚାରାରୋପଣ କରି ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।



ରାଷ୍ଟ୍ରପତିଙ୍କ ସହ କ୍ଷୀରୋଦ ଜେନା।

## ଟାଟାଷ୍ଟିଲ ଫାଉଣ୍ଡେଶନର ଅରୁଣିମା ଉଦ୍‌ଘାଟିତ




ଅରୁଣିମା ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଅନ୍ୟମାନେ।

**କାଳିଆପାଣି,୨୧।୧୨(ଅସିତ ମହାନ୍ତ):**

### ୨୫୬୧ ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କୁ ଶିକ୍ଷାବୃତ୍ତି ପ୍ରଦାନ

ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ସୁକିନ୍ଦା କ୍ରୋମାଇଟ ଖଣିରେ ଗୁରୁବାର ୩ ଦିନିଆ ଅରୁଣିମା-୨୦୨୩ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଟାଟା ଷ୍ଟିଲ୍‌ର ସୁକିନ୍ଦା, ବ୍ରାହ୍ମଣୀପାଳ ଓ କଳିଙ୍ଗନଗର ପାରିପାର୍ଶ୍ୱିକ ଜନସାଧାରଣଙ୍କ ପାଇଁ ‘ଦିଶା’ ମାଧ୍ୟମରେ ଅରୁଣିମାର ପ୍ରଥମ ଦିନରେ ଫାଉଣ୍ଡେଶନ ପକ୍ଷରୁ ଆର୍ଥିକ ଦୁର୍ବଳ ଏସ୍‌ସିଏସ୍‌ଟି ପରିବାରରୁ କଳିଙ୍ଗନଗରର ୫୯୮, ବ୍ରାହ୍ମଣୀପାଳର ୧୨୯୭ ଓ ସୁକିନ୍ଦାର ୬୬୬ ମୋଟ୍ ୨୫୬୧ ଛାତ୍ରୀଛାତ୍ରୀଙ୍କୁ ୧.୨୦ କୋଟି ଟଙ୍କାର ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଯାଜପୁର ଓ କେନ୍ଦୁଝର ଜିଲାର ଜନସାଧାରଣଙ୍କ ମଧ୍ୟରେ ମିଳିତ ସମାଧାନ ଓ ଅର୍ଥପୂର୍ଣ୍ଣ ଆଲୋଚନା କରାଯିବା ସହିତ ପାରିପାର୍ଶ୍ୱିକ ପରିବେଶରେ ଜଳର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ପ୍ରଥମ ଦିନରେ ଜଳ ଦୂତଙ୍କ (ୱାଟର ଆମ୍ବାସାଡର୍) ଏକ ଦଳର ଶୁଭାରମ୍ଭ କରାଯାଇଥିଲା। ମହିଳା ସଶକ୍ତୀକରଣ ଓ ଜଳର ଠିକ ସଞ୍ଚାଳନ ଏବଂ ସଂରକ୍ଷଣ ନେଇ ପଦକ୍ଷେପ ଗ୍ରହଣ ଲାଗି କାର୍ଯ୍ୟକରିବାକୁ ମହିଳାମାନେ ଗୁରୁତ୍ୱ ଦେଇଥିଲେ। ଟାଟା ଷ୍ଟିଲ ଓ ସିଏସ୍‌ଆର୍ ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଅରୁଣିମା କାର୍ଯ୍ୟକ୍ରମ ସ୍ଥାନୀୟ ଜନସାଧାରଣଙ୍କ ମାଧ୍ୟମରେ ଆଞ୍ଚଳିକ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଲକ୍ଷ୍ୟ ରଖିଛି। ଏହାବ୍ୟତୀତ ସେ କୃଷକମାନଙ୍କୁ ମିଲେଟ ଚାଷ ପାଇଁ ଉତ୍ସାହିତ କରିବା ସହ ମିଲେଟ ମିଶନ ସହିତ ଅନ୍ତର୍ଜାତୀୟ ମିଲେଟ ମିଶନ କାର୍ଯ୍ୟକ୍ରମର ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଯାଜପୁର ଏଡିଏମ୍ ନବକୃଷ୍ଣ ଜେନା, ଅନିଲ ପ୍ରଧାନ, ୟଙ୍ଗଥିଙ୍କର ସହ ପ୍ରତିଷ୍ଠାତା ବୈଶାଳୀ ଶର୍ମା, ଶିକ୍ଷକ ଶଶିଶେଖର କର ଶର୍ମା, ଟାଟା ଷ୍ଟିଲ ପ୍ରତିଭା ସୁରେନ୍ଦ୍ର ହାଁସଦା, ସହ ଖଣି ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ଟାଟା ଷ୍ଟିଲ ଫାଉଣ୍ଡେଶନର ସୁକିନ୍ଦା ମୁଖ୍ୟ ଦେବଞ୍ଜନ ମୁଖାର୍ଜୀ, କଳିଙ୍ଗନଗର ମୁଖ୍ୟ ଆଲେନ ଜୋସେଫ ଓ ବ୍ରାହ୍ମଣୀପାଳ ମୁଖ୍ୟ ଜୟନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିମାନରେ ଆସି ...

ପ୍ରଥମ ପୃଷ୍ଠାରୁ...

ଗିରଫ କରିଛି। ଏସ୍‌ପି ଖିଲାରୀ କହିଛନ୍ତି ଯେ ଗତ ୧୬ତାରିଖ ବିଳମ୍ବିତ ରାତିରେ ପାଟଣାଗଡ଼ ଥାନା ସରମୁହାଣ ଗାଁର ଏକ ଏଟିଏମ୍ ଲୁଟ୍ ହୋଇଥିଲା। ଏ ସଂକ୍ରାନ୍ତରେ ସିଏମ୍‌ଏସ୍ କମ୍ପାନୀର ଜଣେ କର୍ମଚାରୀ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ୧୬ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ସରମୁହାଣ ଏଟିଏମ୍‌ରେ ତାଙ୍କ କମ୍ପାନୀ ୭ ଲକ୍ଷ ୬୪ହଜାର ଟଙ୍କା ଭର୍ତ୍ତି କରିଥିଲା। ହେଲେ ଉକ୍ତ ଏଟିଏମ୍‌ରୁ ସେଇ ରାତିରେ ସବୁତକ ଟଙ୍କା ଲୁଟ୍ ହୋଇଯାଇଥିଲା। ଏନେଇ ପାଟଣାଗଡ଼ ଥାନାରେ ଏକ ମାମଲା (୩୧୯/୨୩) ରୁଜୁ ହୋଇଥିଲା। ଉତ୍ତରାଞ୍ଚଳ ଆଇଜି ଏବଂ ବଲାଙ୍ଗୀର ଏସ୍‌ପି ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଲୁଟ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ସିସି ଟିଭି ଫୁଟେଜ ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ପୋଲିସ ଲୁଟେରାଙ୍କ ନିକଟରେ ପହଞ୍ଚିଥିଲା।

ରାଜସ୍ଥାନର ଉପରୋକ୍ତ ୬ଲୁଟେରାଙ୍କ ମଧ୍ୟରୁ ୩ଅଭିଯୁକ୍ତ ସଦ୍ଦାମ, ବଦ୍ଧଲ ଏବଂ ରାହୁଲ ଖାନ୍ କ୍ରେଟା କାର୍‌ରେ ନିଜ ଗାଁରୁ ଓଡ଼ିଶା ଅଭିମୁଖେ ଆସି ବଲାଙ୍ଗୀର ଜିଲାର ପାଟଣାଗଡ଼, ସରମୁହାଣ, ବଙ୍ଗୋମୁଣ୍ଡା ଏବଂ ସମ୍ବଲପୁର ଜିଲା ଧମା ଅଞ୍ଚଳରେ ଯୋଜନା କରିଥିଲେ। ଅନ୍ୟ ତିନି ଅଭିଯୁକ୍ତ ଅବିଦ୍, ଏହଶାନ୍ ଓ ମୁସ୍ତକିମ୍ ଦିଲ୍ଲୀରୁ ବିମାନରେ ଝାରସୁଗୁଡା ଆସି ବଲାଙ୍ଗୀର ସରମୁହାଣଠାରେ ଅନ୍ୟ ତିନି ଲୁଟେରାଙ୍କ ସହ ଏକାଠି ହୋଇ ଏଟିଏମ୍ ଲୁଟ୍ ଯୋଜନା କରିଥିଲେ। ସ୍ଥାନୀୟ ଏକ ଗ୍ୟାରେଜ୍‌ରୁ ଏକ ଗ୍ୟାସ୍ ସିଲିଣ୍ଡର ଏବଂ କଟର ଯୋଗାଡ କରିଥିଲେ। ଘଟଣା ଦିନ ବିଳମ୍ବିତ ରାତିରେ ଏଟିଏମ୍ ଭିତରକୁ ତିନିଜଣ ପଶି ପ୍ରଥମେ ଏଟିଏମ୍ ମେଶିନର କ୍ୟାମେରାରେ ଗ୍ୟାସ୍ ସ୍ପ୍ରେ କରିଥିଲେ। ଏହାପରେ କଟରରେ ଏଟିଏମ୍‌ର କ୍ୟାଶ୍ ଟ୍ରେ କାଟି ସେଥିରୁ ସବୁତକ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏହି ଲୁଟ୍ ସମୟରେ ଅନ୍ୟ ଦୁଇ ଲୁଟେରା ଏଟିଏମ୍ ସମ୍ମୁଖ ରାସ୍ତା ଉପରେ ରହି ଅନ୍ୟମାନଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ। ଜଣେ ଅଭିଯୁକ୍ତ କାର୍‌କୁ ଷ୍ଟାର୍ଟରେ ରଖିଥିଲେ। ଟଙ୍କା ଧରି ଏଟିଏମ୍‌ରୁ ବାହାରିବା ପରେ ୬ ଜଣ ଯାକ ଲୁଟେରା ଉକ୍ତ କାର୍‌ରେ ବଲାଙ୍ଗୀର-ସୋନପୁର ବାଟ ଦେଇ ସମ୍ବଲପୁର ଅଭିମୁଖେ ପଳାଇଥିଲେ। ଏହା ପୂର୍ବରୁ ଏହି ଟିମ୍ ବଙ୍ଗୋମୁଣ୍ଡାଠାରେ ଏକ ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ। ସମ୍ବଲପୁର ଯିବା ବାଟରେ ଧମା ନିକଟ ସାହସପୁର ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ। ସେଠାରୁ ସେମାନେ ବରଗଡ ଜିଲା ସୋହେଲା ବାଟଦେଇ ଛତିଶଗଡ ଅଭିମୁଖେ ଯିବାବେଳେ ସୋହେଲା ନିକଟ ଏକ ଢାବାରେ ଅଟକିଥିଲେ। ଏତିକିବେଳେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଓ ଆଇଆଇସି ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଉକ୍ତ ଢାବାରେ ଚଢ଼ାଉ କରି ସେମାନଙ୍କୁ କାବୁ କରି ନେଇଥିଲା। ସ୍ୱତନ୍ତ୍ର ଟିମ୍‌ରେ ବଲାଙ୍ଗୀର ସାଇବର ଥାନା ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ, ପାଟଣାଗଡ, ଲାଠୋର, ବେଲପଡା ଥାନାର ଇନ୍ସପେକ୍ଟର ଜେ.ଭୋଇ, ସୁଶାନ୍ତ ଦାସ, ହେମନ୍ତ ମାଝି, ଖଗେଶ୍ୱର ମାଝି, ଅଜିତ ମୋହନ ସେଠ୍ ସହଯୋଗ କରିଥିବା ଏସ୍‌ପି ଖିଲାରୀ ସୂଚନା ଦେଇଥିଲେ। ଏହା ସହିତ ଅଭିଯୁକ୍ତଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଯୋଗାଡ କରିବାରେ ମହାରାଷ୍ଟ୍ରର ନାଗପୁର ସିଟି ପୋଲିସ ଡିସିପି ଏସ୍ ମୁମ୍ମାକା ଓ ମଧ୍ୟପ୍ରଦେଶ ସେଓନି ଜିଲା ଡିଏସ୍‌ପି ଅପୂର୍ବ ବଲ୍ଲଭୀ ସହଯୋଗ କରିଥିବା ସେ ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତମାନେ ବାଲେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର ସମେତ କର୍ଣ୍ଣାଟକର ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସୂଚନା ଦେଇଥିଲେ। ରିମାଣ୍ଡରେ ଅଭିଯୁକ୍ତମାନଙ୍କୁ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି କହିଛନ୍ତି।

# ଧାନ କିଣିପାରିବ ନାହିଁ ୨୮ ନୂଆ ସୋସାଇଟି

ନୟାଗଡ଼,୨୧।୧୨(ଲୋକନାଥ ମିଶ୍ର)

ନୟାଗଡ ଜିଲାରେ ୨୮ ନୂଆ ସୋସାଇଟିରେ ଚଳିତ ବର୍ଷ ଧାନ କିଣା ହୋଇ ପାରିବ ନାହିଁ । ନୂଆ ସୋସାଇଟିର କୋର୍ଡ ବାହାରି ନ ପାରିବାରୁ ଧାନ କିଣା ହୋଇ ପାରିବ ନାହିଁ ବୋଲି ଏଆରସିଏସ୍ ଅଫିସ ପକ୍ଷରୁ କୁହାଯାଇଛି । ତେବେ ନୂଆ ସୋସାଇଟିର ଚାଷୀ ପୁରୁଣା ସୋସାଇଟିରେ ପୂର୍ବପରି ଧାନ ବିକ୍ରି କରିପାରିବେ । ଚାଷୀଙ୍କ ପାଇଁ ଧାନ ବିକ୍ରିରେ କିଛି ଅସୁବିଧା ହେବନି । ନୂଆ ସୋସାଇଟିରେ ଧାନ କ୍ରୟ କେନ୍ଦ୍ର(ମଣ୍ଡି) ଖୋଲିବା ଓ ନୂଆ ସମ୍ପାଦକ ପଦବୀରେ ଶୀଘ୍ର ନିଯୁକ୍ତି ପାଇଁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ଗତ ୧୩ ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକରେ ଏଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ନୂଆ ସୋସାଇଟି ଧାନ କିଣିବାର ସୁଯୋଗ ବନ୍ଦ ହୋଇ ଯିବାରୁ ପୁରୁଣା ସୋସୋଇଟିର ସମ୍ପାଦକ ପୁଣିଥରେ ଧାନ କିଣିବାର ସୁଯୋଗ ପାଇଛନ୍ତି ।

ନୂଆ ସୋସୋଇଟି ପ୍ରଥମେ ନିଜ ନାଁରେ ପାନ୍ କାର୍ଡ କରିବାକୁ ପଡିବ । ପାନ୍ କାର୍ଡ ପରେ ଖାଦ୍ୟ ଯୋଗାଣ ଏବଂ ଗ୍ରାହକ କଲ୍ୟାଣ ବିଭାଗରେ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜିକୃତ କରିବାକୁ ପଡିବ । ସୋସାଇଟିର ନାଁ ପଞ୍ଜିକୃତ ପରେ ସୋସାଇଟି କୋର୍ଡ ବାହାରିବାକୁ ନିୟମ ରହିଛି । ସୋସାଇଟି କୋର୍ଡ ବାହାରିଲେ ସରକାରଙ୍କ ସୁବିଧା ସୁଯୋଗ ସବୁ କିଛି ଉପଲବ୍ଧ ହୋଇ ପାରିବ ବୋଲି ସୂଚନା ଦିଆଯାଇଛି ।

**ସମ୍ପାଦକଙ୍କ ଭୁଲର ଦଣ୍ଡ ଚାଷୀ ପାଉଛନ୍ତି:** ଜିଲାରେ ରହିଛି ୧୫୭ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) । ୧୫୭ଟି ସୋସାଇଟି ପୂର୍ବରୁ ଧାନ କିଣୁଥିଲେ । ତେବେ ପ୍ରାୟ ୪ ବର୍ଷ ହେଲା ୧୫୩ଟି ସୋସାଇଟି ଧାନ କିଣୁଛି । ସମ୍ପାଦକଙ୍କର ତ୍ରୁଟି ଯୋଗୁ ନୂଆଗାଁ, ମଧ୍ୟଖଣ୍ଡ, ଡିହଗାଁ ଜଳେଶ୍ୱର, ବଡସିଲିଙ୍ଗା ପରି ୪ ସୋସାଇଟିରେ ଧାନ କିଣା ବନ୍ଦ ହୋଇ ଯାଇଛି । ଏହି ୪ ସୋସାଇଟିକୁ ନିକଟସ୍ଥ ସୋସାଇଟିରେ ଟ୍ୟାଗ କରାଯାଇଛି । ନୂଆଗାଁ ସୋସାଇଟି ପାଇଁ ପାଇଁ ମହିତମା, ମଧ୍ୟଖଣ୍ଡ ପାଇଁ ଘୋଳାହାଣ୍ଡି, ଡିହଗାଁ ଜଳେଶ୍ୱର ପାଇଁ ଦଶପଲ୍ଲା ମହାବୀର ସୋସାଇଟି, ବଡସିଲିଙ୍ଗା ପାଇଁ ଛାମୁଣ୍ଡିଆ ସୋସାଇଟି ଧାନ କିଣୁଛି । ଚାଷୀଙ୍କର ପ୍ରଶ୍ନ ସମ୍ପାଦକ ଭୁଲ କରିବେ ଚାଷୀକୁ କାହିଁକି ଦଣ୍ଡ ମିଳୁଛି । ଯିଏ ଭୁଲ କରୁଛି ତାକୁ ଦଣ୍ଡ ମିଳୁ । ସୋସାଇଟିକୁ ବଦନାମ କରା ନ ଯାଉ କି ଚାଷୀଙ୍କୁ ଦଣ୍ଡ ଦିଆ ନ ଯାଉ । ୪ଟି ସୋସାଇଟିରେ କିପରି ଧାନ କିଣା ହେବ ଜିଲା ପ୍ରଶାସନ ଗୁରୁତର ସହ ନେଇ ପଦକ୍ଷେପ ନେବା ଦରକାର ।

**୨୮ନୂଆ ସୋସାଇଟିରୁ ରଣପୁରରେ ୧୬:** ଜିଲାରେ ୨୮ଟି ନୂଆ ସୋସାଇଟ୍ ହୋଇଛି । ଏଥିରୁ ନୟାଗଡ଼ ବ୍ଲକରେ ଲକ୍ଷ୍ମୀପ୍ରସାଦ, ଶରଣକୁଳ(ଜହ୍ନିପଦା), ମୁଥାଗାଡିଆ, ନବଘନପୁର, ନୂଆଗାଁ ବ୍ଲକର ସିକ୍ରିଡ଼ା ଓ ପାରାଡ଼ିପି, ଓଡ଼ଗାଁ ବ୍ଲକର ହରିଡାବନ୍ଧ ଓ ରୋହିବାଙ୍କ, ଦଶପଲ୍ଲା ବ୍ଲକରେ ନଛିପୁର ଓ କୁଆଁରିଆଁ, ଗଣିଆ ବ୍ଲକରେ କିଶୋରପ୍ରସାଦ, ଖଣ୍ଡପଡ଼ା ବ୍ଲକରେ ରାଣିପଡ଼ା ସୋସାଇଟି ରହିଛି । ସେହିପରି ରଣପୁର ବ୍ଲକର ୧୬ ସୋସାଇଟି ମଧ୍ୟରୁ କାଣ୍ଡପଡ଼ା, ଚମ୍ପାଗଡ଼, କନ୍ଧନୟାଗଡ଼, ଖତିଆ, ବାଉଁଶଗଡ଼, ବଜ୍ରକୋଟ, ରାଇପଡ଼ା, ମହତପଲ୍ଲା, ଝାଡପଡ଼ା, ଜଙ୍ଗିଆ, ଚମ୍ପାପେଡ଼ି, ନରେନ୍ଦ୍ରପୁର, କାସନ୍ଦା, ବୃନ୍ଦାବନପୁର, ତାଳକଣି, କୁଳାସର ସୋସାଇଟି ରହିଛି । ନୂଆ ସୋସାଇଟି କରିବାର ଫାଇଦା ବେଶି ରଣପୁର ବ୍ଲକ ଅଞ୍ଚଳର ବାସିନ୍ଦା ନେଇଛନ୍ତି ।

## ରଣପୁରରେ ଦ୍ୱୈତ୍ୟ ଶାସନ

ରଣପୁର ବ୍ଲକ ନୟାଗଡ଼ ଜିଲାରେ ରହିଛି । ତେବେ ଏହାର କିଛି ସୋସାଇଟି ନୟାଗଡ଼ ଓ ଖୋର୍ଦ୍ଧା ଜିଲାରେ ରହିଥିବାରୁ ରଣପୁର ବ୍ଲକରେ ଦୁଇ ଜିଲା ପ୍ରଶାସନର ଶାସନ ଚାଲିଛି । ରଣପୁର ବ୍ଲକରେ ୩୪ଟି ସୋସାଇଟି ରହିଛି । ଏଥିରୁ ୧୮ ପୁରୁଣା ଥିବାବେଳେ ୧୬ଟି ନୂଆ ସୋସାଇଟି ହୋଇଛି । ତେବେ ୩୪ ସୋସାଇଟି ମଧ୍ୟରୁ ରଙ୍କଦେଉଳି, ଦର୍ପନାରାୟଣପୁର, ଡମସାହି, ଓ ଖତିଆ ସୋସାଇଟି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି । ଏଠାର ଚାଷୀ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଉପରେ ନିର୍ଭର କରୁଛନ୍ତି । ବକେୟା ୩୦ ସୋସାଇଟି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି ।

- ସୋସାଇଟି କୋଡ୍ ନ ବାହାରିବାରୁ ସମସ୍ୟା
- ଜିଲାପାଳ,ଜିଲା ପରିଷଦ ଅଧ୍ୟକ୍ଷଙ୍କ ପଦକ୍ଷେପ କାମ କଲାନି

# ଓଡ଼ଗାଁ ଏନ୍‌ଏସିରେ ଆବାସ କାର୍ଯ୍ୟାଦେଶ ବଣ୍ଟନ

ଓଡ଼ଗାଁ, ୨୧।୧୨
( ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ଏନଏସି ପକ୍ଷରୁ ସହରାଞ୍ଚଳର ୧୫ ୱାର୍ଡ ମଧ୍ୟରୁ ପଞ୍ଚମ ପର୍ଯ୍ୟାୟରେ ୮୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ୫୦ ଜଣଙ୍କୁ ପାଇଖାନା କାର୍ଯ୍ୟାଦେଶ ଓ ନୂତନ କରି ୨୨ ଜଣଙ୍କୁ ମଧୁବାବୁ ପେନସନ ବଣ୍ଟନ କରାଯାଇଛି । ବୁଧବାର ଏନଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ,ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ,ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକ ସାହୁ ଓଡ଼ଗାଁ ସହରର କୌଣସି ଯୋଗ୍ୟ ହିତାଧିକାରୀ ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ନୁହନ୍ତି ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ କାହାକୁ ଲାଞ୍ଚ ନ ଦେବାକୁ ସେ ଅନୁରୋଧ କରିଥିଲେ । ହେଲେ ଜଣେ ବ୍ୟକ୍ତି ୪ ବର୍ଷ ହେଲା ଏନଏସି ଅଫିସକୁ ଦୌଡ଼ି ନିରାଶ ହୋଇଥିବା ବିଧାୟକଙ୍କୁ ଠିଆ ହୋଇ କହିଥିଲେ । ହେଲେ ମଞ୍ଚ ପଛରେ ଥିବା ଜଣେ ବ୍ୟକ୍ତି ନାଲିଆଖି ଦେଖାଇବାରୁ ସେ ବସିଯାଇଥିଲେ । ହେଲେ ବିଧାୟକ ସାହୁ ନିର୍ବାହୀ ଅଧିକାରୀଙ୍କୁ ତାଙ୍କ କଥା ବୁଝିବାକୁ ନିର୍ଦ୍ଦେଶ ଦେଇଥିଲେ । ଅବଶିଷ୍ଟ ଯୋଗ୍ୟ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ବାସଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ନିର୍ବାହୀ ଅଧିକାରୀ ସ୍ୱାଇଁ ସୂଚନା ଦେଇଥିଲେ ।

# ୨୬ ଲିଟର ମଦ ଜବତ, ୨ ଗିରଫ

ଖଣ୍ଡପଡ଼ା,୨୧।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨୬ ଲିଟର ଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ ୨ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ, ଭାପୁର ବ୍ଲକ୍ ଅଧୀନ ଶାଳପଡା ଗ୍ରାମର ପ୍ରକାଶ ପଣ୍ଡାଙ୍କ ଠାରୁ ବନମାଳୀପୁରଠାରେ ୧୪ ଲିଟର ମଦ ଧରା ପଡିଥିବା ବେଳେ ଖଣ୍ଡପଡା ବ୍ଲକ୍ ଅଧୀନ ଶିଖରପୁର ଗ୍ରାମର ବସନ୍ତ ସାହୁଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି । ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ସୂତ୍ରରୁ ସୂଚନା ମିଳିଛି ।

**ପ୍ରଥମ ପୃଷ୍ଠାରୁ...**

## ବିମାନରେ ଆସି ...

ଗିରଫ କରିଛି । ଏସ୍‌ପି ଖିଲାରୀ କହିଛନ୍ତି ଯେ ଗତ ୧୬ତାରିଖ ବିଳମ୍ବିତ ରାତିରେ ପାଟଣାଗଡ଼ ଥାନା ସରମୁହାଣ ଗାଁର ଏକ ଏଟିଏମ୍ ଲୁଟ୍ ହୋଇଥିଲା । ଏ ସଂକ୍ରାନ୍ତରେ ସିଏମ୍‌ଏସ୍ କମ୍ପାନୀର ଜଣେ କର୍ମଚାରୀ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, ୧୬ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ସରମୁହାଣ ଏଟିଏମ୍‌ରେ ତାଙ୍କ କମ୍ପାନୀ ୭ ଲକ୍ଷ ୬୪ହଜାର ଟଙ୍କା ଭର୍ତ୍ତି କରିଥିଲା । ହେଲେ ଉକ୍ତ ଏଟିଏମ୍‌ରୁ ସେଇ ରାତିରେ ସବୁତକ ଟଙ୍କା ଲୁଟ୍ ହୋଇଯାଇଥିଲା । ଏନେଇ ପାଟଣାଗଡ଼ ଥାନାରେ ଏକ ମାମଲା (୩୧୯/୨୩) ରୁଜୁ ହୋଇଥିଲା । ଉତ୍ତରାଞ୍ଚଳ ଆଇଜି ଏବଂ ବଲାଙ୍ଗୀର ଏସ୍‌ପି ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଲୁଟ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ଆଖପାଖ ଅଞ୍ଚଳର ସିସି ଟିଭି ଫୁଟେଜ ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଲୁଟେରାଙ୍କ ନିକଟରେ ପହଞ୍ଚିଥିଲା ।

ରାଜସ୍ଥାନର ଉପରୋକ୍ତ ୬ଲୁଟେରାଙ୍କ ମଧ୍ୟରୁ ୩ଅଭିଯୁକ୍ତ ସଦ୍ଦାମ, ବଙ୍ଗଲ ଏବଂ ରାହୁଲ ଖାନ୍ କ୍ରେଟା କାର୍‌ରେ ନିଜ ଗାଁରୁ ଓଡ଼ିଶା ଅଭିମୁଖେ ଆସି ବଲାଙ୍ଗୀର ଜିଲାର ପାଟଣାଗଡ଼, ସରମୁହାଣ, ବଙ୍ଗୋମୁଣ୍ଡା ଏବଂ ସମ୍ବଲପୁର ଜିଲା ଧମା ଅଞ୍ଚଳରେ ଯୋଜନା କରିଥିଲେ । ଅନ୍ୟ ତିନି ଅଭିଯୁକ୍ତ ଅବିଦ୍, ଏହଶାନ୍ ଓ ମୁସ୍ତକିମ୍ ଦିଲ୍ଲୀରୁ ବିମାନରେ ଝାରସୁଗୁଡା ଆସି ବଲାଙ୍ଗୀର ସରମୁହାଣଠାରେ ଅନ୍ୟ ତିନି ଲୁଟେରାଙ୍କ ସହ ଏକାଠି ହୋଇ ଏଟିଏମ୍ ଲୁଟ୍ ଯୋଜନା କରିଥିଲେ । ସ୍ଥାନୀୟ ଏକ ଗ୍ୟାରେଜ୍‌ରୁ ଏକ ଗ୍ୟାସ୍ ସିଲିଣ୍ଡର ଏବଂ କଟର ଯୋଗାଡ କରିଥିଲେ । ଘଟଣା ଦିନ ବିଳମ୍ବିତ ରାତିରେ ଏଟିଏମ୍ ଭିତରକୁ ତିନିଜଣ ପଶି ପ୍ରଥମେ ଏଟିଏମ୍ ମେଶିନର କ୍ୟାମେରାରେ ଗ୍ୟାସ୍ ସ୍ପ୍ରେ କରିଥିଲେ । ଏହାପରେ କଟରରେ ଏଟିଏମ୍‌ର କ୍ୟାଶ୍ ଟ୍ରେ କାଟି ସେଥିରୁ ସବୁତକ ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଏହି ଲୁଟ୍ ସମୟରେ ଅନ୍ୟ ଦୁଇ ଲୁଟେରା ଏଟିଏମ୍ ସମ୍ମୁଖ ରାସ୍ତା ଉପରେ ରହି ଅନ୍ୟମାନଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ । ଜଣେ ଅଭିଯୁକ୍ତ କାର୍‌କୁ ଷ୍ଟାର୍ଟରେ ରଖିଥିଲେ । ଟଙ୍କା ଧରି ଏଟିଏମ୍‌ରୁ ବାହାରିବା ପରେ ୬ ଜଣ ଯାକ ଲୁଟେରା ଉକ୍ତ କାର୍‌ରେ ବଲାଙ୍ଗୀର-ସୋନପୁର ବାଟ ଦେଇ ସମ୍ବଲପୁର ଅଭିମୁଖେ ପଳାଇଥିଲେ । ଏହା ପୂର୍ବରୁ ଏହି ଟିମ୍ ବଙ୍ଗୋମୁଣ୍ଡାଠାରେ ଏକ ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ । ସମ୍ବଲପୁର ଯିବା ବାଟରେ ଧମା ନିକଟ ସାହସପୁର ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ । ସେଠାରୁ ସେମାନେ ବରଗଡ ଜିଲା ସୋହେଲା ବାଟଦେଇ ଛତିଶଗଡ ଅଭିମୁଖେ ଯିବାବେଳେ ସୋହେଲା ନିକଟ ଏକ ଢାବାରେ ଅଟକିଥିଲେ । ଏତିକିବେଳେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଓ ଆଇଆଇସି ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଉକ୍ତ ଢାବାରେ ଚଢ଼ାଉ କରି ସେମାନଙ୍କୁ କାବୁ କରି ନେଇଥିଲା । ସ୍ୱତନ୍ତ୍ର ଟିମ୍‌ରେ ବଲାଙ୍ଗୀର ସାଇବର ଥାନା ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ, ପାଟଣାଗଡ, ଲାଠୋର, ବେଲପଡା ଥାନାର ଇନ୍ସପେକ୍ଟର ଜେ.ଭୋଇ, ସୁଶାନ୍ତ ଦାସ, ହେମନ୍ତ ମାଝି, ଖଗେଶ୍ୱର ମାଝି, ଅଜିତ ମୋହନ ସେଠ୍ ସହଯୋଗ କରିଥିବା ଏସ୍‌ପି ଖିଲାରୀ ସୂଚନା ଦେଇଥିଲେ । ଏହା ସହିତ ଅଭିଯୁକ୍ତଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଯୋଗାଡ କରିବାରେ ମହାରାଷ୍ଟ୍ରର ନାଗପୁର ସିଟି ପୋଲିସ ଡିସିପି ଏସ୍ ମୁମ୍ମାକା ଓ ମଧ୍ୟପ୍ରଦେଶ ସେଓନି ଜିଲା ଡିଏସ୍‌ପି ଅପୂର୍ବ ବଲ୍ଲଭୀ ସହଯୋଗ କରିଥିବା ସେ ସୂଚନା ଦେଇଥିଲେ । ଗିରଫ ଅଭିଯୁକ୍ତମାନେ ବାଲେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର ସମେତ କର୍ନାଟକର ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସୂଚନା ଦେଇଥିଲେ । ରିମାଣ୍ଡରେ ଅଭିଯୁକ୍ତମାନଙ୍କୁ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି କହିଛନ୍ତି ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ନୟାଗଡ଼,୨୧।୧୨(ଲୋକନାଥ ମିଶ୍ର)

ଗୋଡିପଡ଼ାର ଶ୍ରୀ ଲଡୁକେଶ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଯୋଗ ଦେଇ ନୂଆ ଓଡ଼ିଶା ନିର୍ମାଣରେ ଯୁବ ପିଢ଼ିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ କହିଥିଲେ ସମୟକୁ ଅପଚୟ କର ନାହିଁ । ସମୟକୁ ସଦୁପଯୋଗ ନ କଲେ ପରବର୍ତ୍ତୀ ପର୍ଯ୍ୟାୟରେ ହଇରାଣ ହିଁ ହଇରାଣ ହେବ । ଏଣୁ ଛାତ୍ରଛାତ୍ରୀମାନେ ମନ ଦେଇ ପାଠ ପଢ଼ିବା ସହ ଛାତ୍ର ଜୀବନରେ ଶୃଙ୍ଖଳିତ ହୋଇ ସବୁ କାମ କର । ସମ୍ମାନୀତ ଅତିଥିଭାବେ ପ୍ରତିଷ୍ଠାତା ସଦସ୍ୟ ବସନ୍ତ କୁମାର ନାୟକ ଯୋଗ ଦେଇ ସାମାଜିକ ସଙ୍ଗଠନରେ ଛାତ୍ରୀଛାତ୍ରମାନଙ୍କ ନୈତିକ ଦାୟିତ୍ୱ ବିଷୟରେ ବୁଝାଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବରେ ନୋଡ଼ାଲ ଅଫିସର ଭାବେ ଅଧ୍ୟାପକ ପୁଲକ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀମାନେ ଲଘୁ ନାଟକ ବଧୂ ନିର୍ଯାତନା ଓ ବାଲ୍ୟ ବିବାହକୁ ପ୍ରଦର୍ଶନ କରିଥିଲେ । ବିବିଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଗତ ଡିସେମ୍ବର ୧ରୁ ଆରମ୍ଭ ହୋଇଥିବା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ ପ୍ରତିଯୋଗିତା ଓ ସାମାଜିକ ସଚେତନତା ଆଦି ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ ଫ୍ୟୁଜନ୍ ବ୍ୟାଣ୍ଡ ମେଲୋଡ଼ି ଦ୍ୱାରା ମନୋରଞ୍ଜନ ପୂର୍ଣ୍ଣ ଭାବେ ଉତ୍ସବ ସମାପନ ହୋଇଥିଲା । ଶେଷରେ ଅଧ୍ୟାପକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଗଙ୍ଗାଧର ମହାପାତ୍ର, ଅଧ୍ୟାପିକା ରଶ୍ମିତା ମହାପାତ୍ର ଏବଂ ବାସନ୍ତୀ କୁମାରୀ ପ୍ରଧାନ ପ୍ରମାଣ ପତ୍ର କୃତି ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରିବାରେ ସହଯୋଗ କରିଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ମହୋତ୍ସବ ଖଣ୍ଡପଡ଼ା ବିକାଶର ବାର୍ତ୍ତା ଦେଉ


ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ ।

ଖଣ୍ଡପଡ଼ା,୨୧।୧୨(ଅଜୟ କୁମାର ମହାରଣା)

**ଖଣ୍ଡପଡ଼ା ମହୋତ୍ସବର ୪ର୍ଥ ସନ୍ଧ୍ୟା**

କଳାବିକାଶ ପରିଷଦ ଖଣ୍ଡପଡା ପକ୍ଷରୁ ଆରମ୍ଭ ହୋଇଥିବା ଖଣ୍ଡପଡା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଗୁରୁବାର ୪ର୍ଥ ସନ୍ଧ୍ୟାର ଗୀତବାହାର, କଟକ ଓ ଶୀତଳ କବି ନାଇଟସ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମୁଖ୍ୟ ଆକର୍ଷଣ ଥିଲା । ମହୋତ୍ସବ କମିଟିର ଅଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନୀତ ଅତିଥି ରୁପେ ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା,ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ସ୍ୱାଇଁ, କଳାବିକାଶ ପରିଷଦର ସଭାପତି ପ୍ରଦୀପ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ମହୋତ୍ସବ ଖଣ୍ଡପଡ଼ା ବିକାଶର ଲକ୍ଷ୍ୟ ହେଉ । ମହୋତ୍ସବ ଦ୍ୱାରା ଖଣ୍ଡପଡ଼ା ଅଞ୍ଚଳର କଳା, ସଂସ୍କୃତି ଓ ଐତିହ୍ୟକୁ ଉଜ୍ଜୀବିତ ରଖିପାରିବ ବୋଲି ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଓମ୍ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱତନ୍ତ୍ର ସଙ୍ଗୀତ ମାଧ୍ୟମରେ ନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା । ସେହିପରି ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଟାଉନ ମଡେଲ ସ୍କୁଲ, ଆପ୍ରୋଚ କୋଚିଂ ସେଣ୍ଟର, ଖଳିସାହି ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଏବଂ ଅସମ୍ ଡ୍ୟାନ୍ସ ଏକାଡେମୀର କଳାକାର ମାନଙ୍କ ପ୍ରଦର୍ଶିତ ବିଭିନ୍ନ ନୃତ୍ୟ ଦର୍ଶକମାନଙ୍କ ମୁଖ୍ୟ ଆକର୍ଷଣ ଥିଲା । ପରବର୍ତ୍ତୀ ସମୟରେ କଟକରୁ ଆସିଥିବା ଗୀତ ବାହାର, ସୁନାମଧନ୍ୟ ଗାୟକ ବୈଦ୍ୟନାଥ ଓ ଗାୟିକା ଶୀତଲ କବି ନାଇଟସର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଉପଭୋଗ କରିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ସମାଗମ ହୋଇଥିଲେ । ଏକ ମନୋଜ୍ଞ ପରିବେଶ ମଧ୍ୟରେ ଆୟୋଜିତ ମହୋତ୍ସବକୁ ଉପଭୋଗ କରିବା ନିମନ୍ତେ ଆଖପାଖ ଅଚଳରୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା । ବିଶେଷ କରି କୁନି ପ୍ରତିଭା ତଥା ଉପସ୍ଥାପିକା ରୁପାଲୀ ସାହୁ ଓ କଥାକାର ପରମେଶ୍ୱର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଶେଷରେ କଳା ବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ଧନ୍ୟବାଦ ଦେଇଥିଲେ । ମହୋତ୍ସବ ପଡିଆରେ ଖୋଲିଥିବା ବିଭିନ୍ନ ଖାଦ୍ୟ ଷ୍ଟଲ, ଘରୋଇ ଉପକରଣ, ହରେକମାଲ, ହସ୍ତଶିଳ୍ପ କାରିଗରୀ ଷ୍ଟଲରେ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା କଡାକଡି କରାଯାଇଥିଲା ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କିଶୋର


@ ପରମଚରଣ


@ ଅଭିରାମ


@ ଅନିଲ


@ ପ୍ରଭଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ଟାକରା ପଞ୍ଚାୟତ ବିଜେଡିର ବୈଠକ

ଦଶପଲ୍ଲା,୨୧।୧୨(ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ମିଟୁକୁଳି ଗ୍ରାମ ନିକଟରେ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଟାକରା ପଞ୍ଚାୟତ ବିଜେଡି ସଙ୍ଗଠକ ପ୍ରଦୀପ କୁମାର ସାହୁ, ଜଗବନ୍ଧୁ ଆଚାର୍ଯ୍ୟ,ଅଭିମନ୍ୟୁ ସାହୁ, ଧନେଶ୍ୱର ଜାନୀ, ବାନାମ୍ବର ନାଏକ ପ୍ରମୁଖଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ଟାକରା ପଞ୍ଚାୟତର ବିଭିନ୍ନ ୱାର୍ଡରୁ ପ୍ରାୟ ଶତାଧିକ କର୍ମୀ ଯୋଗଦେଇଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟର ସଫଳତା ସମ୍ପର୍କରେ ଆଲୋଚନା ହୋଇଥିଲା । ସମଗ୍ର ଦଶପଲ୍ଲାର ସାମଗ୍ରିକ ବିକାଶରେ ରାଜ୍ୟ ସରକାର ସହାୟକ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କର୍ମୀମାନେ ଧନ୍ୟବାଦ ଜଣାଇଥିଲେ । ସେହିପରି ଦଶପଲ୍ଲା ବିଧାୟକ ଓ କନ୍ଧମାଳ ଏମ୍‌ପିଙ୍କୁ ବି କର୍ମୀମାନେ କୃତଜ୍ଞତା ଜଣାଇଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ଟାକରା ପଞ୍ଚାୟତରେ ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କ ହାତମୁଠାକୁ ଟାଣ କରିବା ସହିତ ପଞ୍ଚାୟତରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ପରେ ଉକ୍ତ ପଞ୍ଚାୟତରେ ବିଜେଡିର ଏକ ସ୍ଥାୟୀ କମିଟି ଗଠନ କରାଯାଇଥିଲା । ଉପସ୍ଥିତ କର୍ମୀମାନଙ୍କ ସର୍ବସମ୍ମତି କ୍ରମେ ପ୍ରଦିପ କୁମାର ସାହୁ ସଭାପତି, ବାନାମ୍ବର ନାଏକ ଉପସଭାପତି, ଜଗବନ୍ଧୁ ଆଚାର୍ଯ୍ୟ ସମ୍ପାଦକ, ଅଭିମନ୍ୟୁ ସାହୁ ସହ ସମ୍ପାଦକ, ଜିତେନ୍ଦ୍ର କୁମାର ସାହୁ କୋଷାଧ୍ୟକ୍ଷ ଓ ସନ୍ତୋଷ କୁମାର ମୁଦୁଲି ସହକୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ ।


ବୈଠକରେ ଯୋଗଦେଇଥିବା ବିଜେଡି କର୍ମୀ ।

# ଇଟାଭାଟି ଧୂଆଁ: ବୟସ୍କ, ରୋଗୀଙ୍କ ପାଇଁ କାଳ

■ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବଢ଼ୁଛି ବେଆଇନ ମାଟି ଇଟାଭାଟି

■ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ, ରାଜ୍ୟ ସରକାରଙ୍କ କଟକଣାକୁ ବେଖାତିର

ପଟ୍ଟାମୁଣ୍ଡାଇ,୨୧।୧୨ (କଳ୍ପତରୁ ନାୟକ)

ବାୟୁ ପ୍ରଦୂଷଣ ହ୍ରାସ ନିମନ୍ତେ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହିପରି ସରକାରୀ କିମ୍ବା ବେସରକାରୀ କାର୍ଯ୍ୟରେ ମାଟି ତିଆରି ଇଟାର ବ୍ୟବହାର ଉପରେ ୨୦୧୯ରୁ ସରକାରୀସ୍ତରରେ ପ୍ରତିବନ୍ଧକ ଲାଗୁ କରାଯାଇଛି। ମାଟି ଇଟା ତିଆରି କରୁଥିବା ଭାଟିକୁ ବାରଣ କରାଯାଇଛି। ଏହାକୁ ଅବମାନନା କରି ବେଖାତିର ଭାବେ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ମାଟି ଇଟାଭାଟିଗୁଡ଼ିକ ଗଢ଼ି ଉଠିଥିବା ଦେଖିବାକୁ ମିଳିଛି। ଏହି ବେଆଇନ ଇଟାଭାଟି ଧୂଆଁ ବୟସ୍କ ଓ ରୋଗୀଙ୍କ ପାଇଁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବାଧା ପହଞ୍ଚାଉଛି। ଇଟା ଭାଟି ସ୍ଥାନୀୟ ପରିବେଶ ନଷ୍ଟ କରୁଥିବା ବଳେ ଫ୍ଲାଏ ଆଶ୍ ଇଟା ନିର୍ମାଣକାରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ବୁଦ୍ଧିଜୀବୀ ଅନନ୍ତ ଦାଶ, ଲକ୍ଷ୍ମୀଧର ବାରିକ, ହିମାଂଶୁ ବିଶ୍ୱାଳ, ପ୍ରତାପ ପାଢ଼ୀ, ନରେନ୍ଦ୍ର ଧଳ ପ୍ରମୁଖ କୁହନ୍ତି, ପଟ୍ଟାମୁଣ୍ଡାଇ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନସଂଖ୍ୟାକୁ ତାଳ ଦେଇ ଗୃହ ନିର୍ମାଣ କାର୍ଯ୍ୟ ହେଉଥିବାରୁ ଦୈନିକ ପ୍ରାୟ ହଜାର ହଜାର ଇଟା ଆବଶ୍ୟକ ପଡୁଛି। ଫ୍ଲାଏ ଆଶ୍ ଇଟା ବ୍ୟବହାର କମ୍ ହେଉଥିବାରୁ ତାହାର ଫାଇଦା ନେଇ ବେଆଇନ ମାଟିଇଟା ପ୍ରସ୍ତୁତକାରୀ ମାତିଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଏକାଧିକ ବେଆଇନ ଇଟା ଭାଟି ଚାଲୁଥିବା ବେଳେ ପ୍ରତିଦିନ ହଜାର ହାଜର ଇଟା ପୋଡ଼ାଯାଇ ବିକ୍ରି କରାଯାଉଛି। ପୌରାଞ୍ଚଳ ମାଟିଆ ଓ ତାତନା ଗ୍ରାମର ପୋତା ଗୋବରୀ ନଦୀ ପାର୍ଶ୍ୱରେ ଥିବା ସରକାରୀ ସ୍ଥାନକୁ ବେଆଇନ ଭାବେ ନିଜ ଅକ୍ତିଆରକୁ ନେଇ ଇଟା ପ୍ରସ୍ତୁତ କରାଯାଉଛି। ସେହିପରି ଭାବେ କଷଣଅଣ୍ଟା, ତନୁପୁର, ଅଳଭା, ଷଣ୍ଢପଲ୍ଲୀ ପ୍ରଭୃତି ଗ୍ରାମରେ ମଧ୍ୟ ବେଆଇନ ଭାବେ ମାଟିଇଟା ପୋଡ଼ା ଯାଉଛି। ସେହିପରି ଗ୍ରାମାଞ୍ଚଳ ବାଲିପାଟଣା, ବଳଭଦ୍ରପୁର, ବଡପଡ଼ା, ଶାସନ, ଅରଡ଼ପଲ୍ଲୀ, ପେଣ୍ଠପାଳ, ନୀଳକଣ୍ଠପୁର, ଶ୍ରୀରାମପୁର, ଡାମରପୁର, ଅଳପୁଆ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ବେଆଇନ ଇଟାଭାଟିଗୁଡ଼ିକ ରହିଛି। ଏହି ଇଟା ତିଆରି କରିବା ପାଇଁ ବ୍ରାହ୍ମଣୀ ନଦୀ କୂଳରୁ ପଟୁ ଓ ବାଲିମାଟି ବେଆଇନ ଭାବେ ବହୁଳ ଚାଲାଣ କରାଯାଉଛି। ଏହି ପଟୁ ମାଟିକୁ କାଦୁଅ କରି ଇଟା ଭାଟିରେ ଧାନ ଚୋପା ବା ଚଷୁ ସାହାଯ୍ୟରେ ପୋଡ଼ିବା ଯୋଗୁ ପରିବେଶ କ୍ଷତିଗ୍ରସ୍ତ ହେବା ସହ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଏହି ଧୂଆଁ ପରିଣତ ବୟସ ପାଇଁ ଅଭିଶାପ ପାଲଟିଛି। ଶ୍ୱାସ ରୋଗୀ ଏହି ଧୂଆଁରେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ସ୍ଥାନୀୟ ପ୍ରଶାସନ ଏ ବାବଦରେ ଚୁପ ରହୁଛନ୍ତି। ବେଆଇନ ଇଟା କାରବାର କରି ଭାଟି ମାଲିକ ମାଲାମାଲ ହେଉଥିବା ବେଳେ ତହସିଲ ରାଜସ୍ୱ ହରାଉଛନ୍ତି ସରକାର। ଦୀର୍ଘବର୍ଷ ଧରି ଅଞ୍ଚଳରେ ବେଆଇନ ଇଟା ପୋଡ଼ା ଚାଲିଥିବା ବେଳେ ଏଥିପ୍ରତି ପ୍ରଶାସନର ନଜର ନ ପଡ଼ିବା ପରିପତାର ବିଷୟ ବୋଲି ସେମାନେ କହିଛନ୍ତି। ପରିବେଶପ୍ରେମୀ ବିଭୂତି ମହାପାତ୍ର କହିଛନ୍ତି, ପରିବେଶ ସୁରକ୍ଷା ପାଇଁ ମାଟି ତିଆରି ଇଟାର ବ୍ୟବହାର ଉପରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଓ ସରକାର କଟକଣା ଜାରି କରିଥିବା ବେଳେ ତାହା କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ଚାଲୁଥିବା ବେଆଇନ ଇଟାଭାଟିଗୁଡ଼ିକୁ ତୁରନ୍ତ ଚିହ୍ନଟ କରି ଏହାକୁ ବନ୍ଦ କରିବା ନିମନ୍ତେ ପରିବେଶପ୍ରେମୀ ଓ ଜନସାଧାରଣ ଦୀର୍ଘଦିନ ଧରି ଦାବି କରି ଆସୁଛନ୍ତି। ହେଲେ ରାଜସ୍ୱ ବିଭାଗ ପକ୍ଷରୁ ବେଆଇନ ଇଟା ଭାଟିକୁ ବନ୍ଦ କରିବା ପରିବର୍ତ୍ତେ କେବଳ ନୋଟିସ୍ ଓ ଜରିମାନାରେ ସୀମିତ ରହିଛି। ରାଜସ୍ୱ ବିଭାଗର ଏପରି ବେଆଇନ ଇଟା ଭାଟି ମାଲିକ ପୋଷଣ ନୀତିକୁ ବନ୍ଦ କରି ସମସ୍ତ ନିର୍ମାଣ ଉପରେ ରୋକ ଲଗାଇବାକୁ ସେ ଦାବି କରିଛନ୍ତି। ଏ ବାବଦରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ଆର୍‌ଆଇମାନଙ୍କୁ ଇଟାଭାଟି ହୋଇଥିବା ଜାଗାରେ ଚଢାଉ ଓ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।



ଭାଟିରେ ଇଟା ପୋଡ଼ାଯାଉଛି।

## ୧୮ ଛେଳି, ମେଣ୍ଢା ଚୋରି ଅଭିଯୋଗ: ୩ ଗିରଫ

ନାଉଗାଁ,୨୧।୧୨(ସୁଧା ବେହୁରା)

ଛେଳି ଓ ମେଣ୍ଢା ଚୋରି ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ପକ୍ଷରୁ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏହି ତିନି ଅଭିଯୁକ୍ତ ହେଲେ ନିଆଳି ଥାନା ଅଞ୍ଚଳର ଜାହିରି ସାହା, ସାଜିଦ ସାହା ଓ ରାହିଲ ସାହା। ସେମାନଙ୍କ ପାଖରୁ ଚୋରିରେ ବ୍ୟବହୃତ କାର ସମେତ ୧୦ ଛେଳି, ମେଣ୍ଢା ଜବତ କରାଯାଇଛି। ଜାହିରି ଓ ରାହିଲ ଉଭୟ ବାପା, ପୁଅ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ଦେବୀଦୋଳ ଅଞ୍ଚଳର ନୀର ହାତୀଙ୍କ ଘରୁ ଡିସେମ୍ବର ୧୮ରେ ୩ ଅଭିଯୁକ୍ତ ଏକ ହୋଣ୍ଡା ସିଟି କାର ଯୋଗେ ଆସି ୧୮ଟି ଛେଳି ଓ ମେଣ୍ଢା ଚୋରି କରି ନେଇଯାଇଥିଲେ। ଏନେଇ ନୀର ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୩୧୧/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା ବୋଲି ଥାନା ଭାରପ୍ରାପ୍ତ ଅଧିକାରିଣୀ ସଂଘମିତ୍ରା ନାୟକ କହିଛନ୍ତି।

## କଂଗ୍ରେସର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସର ନେତୃମଣ୍ଡଳୀ।

ଆଳି,୨୧।୧୨(ବନମାଳୀ ସେନାପତି)

୨୦୨୪ ସାଧାରଣ ନିର୍ବାଚନକୁ ଅନେକ ଦିନ ବାକିଥିବା ବେଳେ ରାଜ୍ୟ ରାଜନୀତି ସରଗରମ ରହିଛି। ଆଳି ନିର୍ବାଚନ ମଣ୍ଡଳୀରେ ମଧ୍ୟ ନିର୍ବାଚନୀ ମାହୋଲ ଦେଖାଦେଲାଣି। ଏହି ଅବସରରେ ଗୁରୁବାର ଆଳି ନିର୍ବାଚନ ମଣ୍ଡଳୀର ୧ ନଂ. ଜୋନରେ କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେତୁଆପାଳ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା କଂଗ୍ରେସ ସଂଗଠକ ସରୋଜ ଜେନାଙ୍କ ଅଧ୍ୟକ୍ଷତାରେ ଏରଡଙ୍ଗ ପଞ୍ଚାୟତର ପିଙ୍ଗୁଳାଇ ଠାକୁରାଣୀ ନିକଟରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ଆଳିର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଯୋଗଦେଇ ବିଜେଡି ଓ ଭାଜପା ସରକାର ଉପରେ ବର୍ଷିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ କିପରି ଆଳି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଭଲ କରିବ ସେ ନେଇ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନ ସଜାଡ଼ିବା ନିମନ୍ତେ କର୍ମୀମାନଙ୍କୁ କହିଥିଲେ। ବ୍ଲକ କଂଗ୍ରେସ ସଭାପତି ରବି ନାରାୟଣ ବେହେରା, ଯୁବ କଂଗ୍ରେସ ସଭାପତି ରାଜେଶ ରାଉତ, ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଜୟ ଜେନା, ବରିଷ୍ଠ ସଙ୍ଗଠକ ପର୍ଶୁରାମ ରାଉତରାୟ, ପାଳିମି ସରପଞ୍ଚ ରଞ୍ଜିତ ସାମଲ, ଜୋନ ସଭାପତି ନକୁଳ ପରିଡା, ଦର୍ପ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନ କ୍ଷେତ୍ରରେ କର୍ମୀମାନେ କିଭଳି କାର୍ଯ୍ୟ କରିବେ ସେ ନେଇ ବୁଝାଇଥିଲେ। ଏହି କର୍ମୀ ସମ୍ମିଳନୀରେ ଅଞ୍ଚଳ ମଲିକ, ଉତ୍ତମ ମଲିକ, ଉମେଶ ଦାସ, ବିଚିତ୍ର ମଲିକ, ତପନ ଦାସ, ସତ୍ୟବ୍ରତ ଦାସ, କୈଳାସ ସାମଲ, ବିଷ୍ଣୁ ମଲିକ ପ୍ରମୁଖଙ୍କ ସହିତ ୧୦ଟି ପଞ୍ଚାୟତର ଶତାଧିକ ସକ୍ରିୟ କର୍ମୀ ଉପସ୍ଥିତ ଥିଲେ।

## ଅର୍ଦ୍ଧ ସାମରିକ ବାହିନୀର ଫ୍ଲାଗ୍‌ମାର୍ଚ୍ଚ




ଜଗତ୍‌ସିଂହପୁରରେ ପହଞ୍ଚିଥିବା ଟାଟା ଜାମ୍‌ଶେଦପୁର ୧୦୬ ବାଟାଲିୟନର ସୈନ୍ୟବାହିନୀ।

### ନିର୍ବାଚନ ପୂର୍ବରୁ ଶାନ୍ତିଶୃଙ୍ଖଳା ପାଇଁ ପ୍ରସ୍ତୁତି

ଜଗତ୍‌ସିଂହପୁର, ୨୧।୧୨ (ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ କରାଯିବା ପାଇଁ ସରକାରଙ୍କ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଭିନ୍ନ ଜିଲାକୁ ଅର୍ଦ୍ଧ ସାମରିକ ବାହିନୀ ପଠାଯାଉଛି। ଏହି ଅନୁଯାୟୀ, ଟାଟା ଜାମ୍‌ଶେଦପୁର ୧୦୬ ବାଟାଲିୟନର ୬୦ ଜଣ ଫୋର୍ସ ସହକାରୀ କମାଣ୍ଡାଣ୍ଟ ଅଜିତ କୁମାରଙ୍କ ନେତୃତ୍ୱରେ ଜଗତ୍‌ସିଂହପୁରରେ ପହଞ୍ଚିଛନ୍ତି। ଏହି ଦଳ ପ୍ରାଥମିକ ପର୍ଯ୍ୟାୟରେ ଜଗତ୍‌ସିଂହପୁର ଥାନା କର୍ମଚାରୀମାନଙ୍କ ସହ ମିଶି ଜଗତ୍‌ସିଂହପୁର ସହରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବା ପାଇଁ ଫ୍ଲାଗମାର୍ଚ୍ଚ କରିଛନ୍ତି। ସେମାନେ ଥାନା ଛକରୁ ବାହାରି ଟାଉନ ହଲ୍, ପାଣିଶାଳିଆ, ଜୟବଡ଼, କୋର୍ଟ ଛକ, ଓହଳ ଓ ଲାଲା ସାହି ଆଦି ପରିକ୍ରମା କରିଥିଲେ। ସଶସ୍ତ୍ର ବାହିନୀଙ୍କୁ ହଠାତ୍ ଜଗତ୍‌ସିଂହପୁର ସହରରେ ଦେଖି ଅନେକ ବିଚଳିତ ହୋଇଯାଇଥିଲେ। ଏପରି କି ହେଲମେଟ୍ ପିନ୍ଧି ନ ଥିବା ଓ ଅନ୍ୟ ଲୋକେ କିଛି ନ ବୁଝି ବିଭିନ୍ନ ରାସ୍ତାରେ ଏଣେତେଣେ ଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଏହି ବାହିନୀ ୭ ଦିନ ପର୍ଯ୍ୟନ୍ତ ଜିଲାରେ ରହି ଲୋକଙ୍କ ଭିତରେ ସୁସମ୍ପର୍କ ପ୍ରତିଷ୍ଠା କରିବା ସହ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ। ଏପରି କି ବିଭିନ୍ନ ଅନୁଷ୍ଠାନରେ ଚାରାରୋପଣ ଓ ମେଡିକାଲରେ ଲୋକଙ୍କ ସହ ମିଶି ସଫେଇ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ଆଇଆଇସି ଗୋକୁଳ ରଞ୍ଜନ ଦାସ କହିଛନ୍ତି।

## ପ୍ରତିଭାର ବିକାଶ ପାଇଁ ସମସ୍ତଙ୍କ ଉଦ୍ୟମ ଲୋଡ଼ା



ଶିଶୁ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

କେନ୍ଦ୍ରାପଡ଼ା, ୨୧।୧୨(ଜଗନ୍ନାଥ ଧଳ)

ଓଡ଼ିଶା ମାଧ୍ୟମିକ ଶିକ୍ଷକ ମହାସଂଘ (ଓଷ୍ଟା) ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ମହାବୀର ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମହୋତ୍ସବରେ ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ଏଡିଏମ୍ ନିଲୁ ମହାପାତ୍ର, ପୂର୍ବତନ ସମ୍ପାଦକ ତ୍ରୈଲୋକ୍ୟ ପ୍ରସାଦ ସ୍ୱାଇଁ, ଜିଲା ସମ୍ପାଦକ ନିର୍ମଳ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁଙ୍କ ପ୍ରତିଭା ବିକାଶରେ ଅଭିଭାବକଙ୍କଠାରୁ ଆରମ୍ଭ କରି ଶିକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉଦ୍ୟମ ଲୋଡ଼ା ବୋଲି ଅତିଥିମାନେ କହିଥିଲେ। ପ୍ରତ୍ୟେକ ଶିଶୁର କିଛି ହେଲେ ପ୍ରତିଭା ଅଛି। ଏହାକୁ ଚିହ୍ନଟ ସହ ବିକାଶର ଆବଶ୍ୟକତା ରହିଛି। ପ୍ରାଚୀନ ସମୟର ଗୁରୁକୁଳ ପରମ୍ପରା ହେଉ ଅଥବା ଆଧୁନିକ ଶିକ୍ଷାରେ ଗୁଣାତ୍ମକମାନ ପ୍ରକାଶ ପାଇଁ ଉଦ୍ୟମ ଚାଲିଛି। ଶିଶୁଙ୍କ ବିକାଶ ପାଇଁ ମାତାପିତାଙ୍କଠାରୁ ସ୍କୁଲର ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକସ୍ତରର ଶିକ୍ଷାର୍ଥୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବ୍ଲକର ୨୩ ବିଦ୍ୟାଳୟରୁ ୧୯୭ ପ୍ରତିଯୋଗୀ ଯୋଗ ଦେଇଥିଲେ। ଏହାକୁ ଓଷ୍ଟାର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

### ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଏନ୍‌ସିସି କ୍ରିକେଟ ଟିମ୍ ଗୁପ୍ତି ଚାମ୍ପିୟନ

ରାଜନଗର, ୨୧।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୯ ତାରିଖରୁ ଆରମ୍ଭ ହୋଇଥିଲା। ରାଜନଗର ବ୍ଲକର ମହିଁଷାସୁର ଓ ଦିଘି ପଡ଼ିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲିଥିଲା। ଗୁରୁବାର ମହିଁଷାସୁର ପଡ଼ିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ରାଜନଗର କ୍ରିକେଟ ଟିମ୍ ସହ ଏନ୍‌ସିସି କ୍ରିକେଟ କ୍ଲବ ଗୁପ୍ତି ମଧ୍ୟରେ ହୋଇଥିଲା। ପ୍ରଥମେ ରାଜନଗର କ୍ରିକେଟ ଟିମ୍ ଟସ୍ ଜିତି ବ୍ୟାଟିଂ କରିଥିଲା। ନିର୍ଦ୍ଧାରୀତ ୧୦ ଓଭରରେ ୪ ଉଇକେଟ ହରାଇ ରାଜନଗର କ୍ରିକେଟ ଟିମ ୧୬୨ ରନ୍ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଏନ୍‌ସିସି କ୍ରିକେଟ ଟିମ୍ ଗୁପ୍ତି ନିର୍ଦ୍ଧାରୀତ ୧୦ ଓଭରରେ ୮ ଉଇକେଟ ହରାଇ ୧୬୨ ରନ କରିଥିଲା। ଫଳରେ ମ୍ୟାଚ ଟାଏ ହୋଇଥିଲା। ସୁପର ଓଭର ମ୍ୟାଚ ଖେଳାଯାଇଥିଲା। ସୁପର ଓଭର ମ୍ୟାଚରେ ଏନ୍‌ସିସି କ୍ରିକେଟ ଟିମ୍ ଗୋଟିଏ ଓଭରରେ ୧୪ରନ ସଂଗ୍ରହ କରିଥିବାବେଳେ ରାଜନଗର କ୍ରିକେଟ ଟିମ୍ ୯ ରନ୍ କରି ପରାଜିତ ହୋଇଥିଲା। ଫାଇନାଲ ମ୍ୟାଚରେ ରାଜନଗର ବିଡିଓ ନିଶାନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ଧ୍ରୁବ ସାହୁ ଯୋଗଦେଇ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଗାଁ ଗହଳିରେ ଲୁଚି ରହିଥିବା ଯୁବ ପ୍ରତିଭାମାନଙ୍କୁ ସାମ୍ନାକୁ ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରୟାସ ବୋଲି କହିଥିଲେ। ମୁଖ୍ୟ ଅତିଥି ବିଧାୟକ ସାହୁ ଚାମ୍ପିୟନ ଦଳ ଏନ୍‌ସିସି ଗୁପ୍ତି କ୍ରିକେଟ ଟିମ୍‌କୁ ଟ୍ରଫି ସହ ୨୦ ହଜାର ଟଙ୍କାର ଆର୍ଥିକ ରାଶି, ରନର୍ସଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ନିରଞ୍ଜନ ରାଉତ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମି ରଞ୍ଜନ ମହାନ୍ତି, ଆକ୍ସିସ ବ୍ୟାଙ୍କର ରାଜନଗର ଶାଖା ପରିଚାଳକ ଅତିଶ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହାକୁ କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝି, ବିଏସ୍‌ଏସ୍‌ଓ ମନୋଜ କୁମାର ବେହେରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ଜ୍ୟୋତି ରଞ୍ଜନ ସାମଲ, ଶୀତଲ କୁମାର ଜେନାଙ୍କ ସମେତ ବିଭିନ୍ନ ସ୍କୁଲର କ୍ରୀଡ଼ା ଶିକ୍ଷକ ଏବଂ ବ୍ଲକ କର୍ମଚାରୀ ପରିଚାଳନା କରିଥିଲେ।




ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କିଶୋର



@ ପରମଚରଣ



@ ଅଭିରାମ



@ ଅନିଲ



@ ପ୍ରଭଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିମାନରେ ଆସି ...

ପ୍ରଥମ ପୃଷ୍ଠାରୁ...

ଗିରଫ କରିଛି। ଏସ୍‌ପି ଖିଲାରୀ କହିଛନ୍ତି ଯେ ଗତ ୧୬ତାରିଖ ବିଳମ୍ବିତ ରାତିରେ ପାଟଣାଗଡ଼ ଥାନା ସରମୁହାଣ ଗାଁର ଏକ ଏଟିଏମ୍ ଲୁଟ୍ ହୋଇଥିଲା। ଏ ସଂକ୍ରାନ୍ତରେ ସିଏମ୍‌ଏସ୍ କମ୍ପାନୀର ଜଣେ କର୍ମଚାରୀ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ୧୬ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ସରମୁହାଣ ଏଟିଏମ୍‌ରେ ତାଙ୍କ କମ୍ପାନୀ ୭ ଲକ୍ଷ ୬୪ହଜାର ଟଙ୍କା ଭର୍ତ୍ତି କରିଥିଲା। ହେଲେ ଉକ୍ତ ଏଟିଏମ୍‌ରୁ ସେଇ ରାତିରେ ସବୁତକ ଟଙ୍କା ଲୁଟ୍ ହୋଇଯାଇଥିଲା। ଏନେଇ ପାଟଣାଗଡ଼ ଥାନାରେ ଏକ ମାମଲା (୩୧୯/୨୩) ରୁଜୁ ହୋଇଥିଲା। ଉତ୍ତରାଞ୍ଚଳ ଆଇଜି ଏବଂ ବଲାଙ୍ଗୀର ଏସ୍‌ପି ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଲୁଟ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ସିସି ଟିଭି ଫୁଟେଜ ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ପୋଲିସ ଲୁଟେରାଙ୍କ ନିକଟରେ ପହଞ୍ଚିଥିଲା।

ରାଜସ୍ଥାନର ଉପରୋକ୍ତ ୬ଲୁଟେରାଙ୍କ ମଧ୍ୟରୁ ୩ଅଭିଯୁକ୍ତ ସଦ୍ଦାମ, ବବ୍ଲଲ ଏବଂ ରାହୁଲ ଖାନ୍ କ୍ରେଟା କାର୍‌ରେ ନିଜ ଗାଁରୁ ଓଡ଼ିଶା ଅଭିମୁଖେ ଆସି ବଲାଙ୍ଗୀର ଜିଲାର ପାଟଣାଗଡ଼, ସରମୁହାଣ, ବଙ୍ଗୋମୁଣ୍ଡା ଏବଂ ସମ୍ବଲପୁର ଜିଲା ଧମା ଅଞ୍ଚଳରେ ଯୋଜନା କରିଥିଲେ। ଅନ୍ୟ ତିନି ଅଭିଯୁକ୍ତ ଅବିଦ୍, ଏହଶାନ୍ ଓ ମୁସ୍ତକିମ୍ ଦିଲ୍ଲୀରୁ ବିମାନରେ ଝାରସୁଗୁଡା ଆସି ବଲାଙ୍ଗୀର ସରମୁହାଣଠାରେ ଅନ୍ୟ ତିନି ଲୁଟେରାଙ୍କ ସହ ଏକାଠି ହୋଇ ଏଟିଏମ୍ ଲୁଟ୍ ଯୋଜନା କରିଥିଲେ। ସ୍ଥାନୀୟ ଏକ ଗ୍ୟାରେଜ୍‌ରୁ ଏକ ଗ୍ୟାସ୍ ସିଲିଣ୍ଡର ଏବଂ କଟର ଯୋଗାଡ କରିଥିଲେ। ଘଟଣା ଦିନ ବିଳମ୍ବିତ ରାତିରେ ଏଟିଏମ୍ ଭିତରକୁ ତିନିଜଣ ପଶି ପ୍ରଥମେ ଏଟିଏମ୍ ମେଶିନର କ୍ୟାମେରାରେ ଗ୍ୟାସ୍ ସ୍ପ୍ରେ କରିଥିଲେ। ଏହାପରେ କଟରରେ ଏଟିଏମ୍‌ର କ୍ୟାଶ୍ ଟ୍ରେ କାଟି ସେଥିରୁ ସବୁତକ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏହି ଲୁଟ୍ ସମୟରେ ଅନ୍ୟ ଦୁଇ ଲୁଟେରା ଏଟିଏମ୍ ସମ୍ମୁଖ ରାସ୍ତା ଉପରେ ରହି ଅନ୍ୟମାନଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ। ଜଣେ ଅଭିଯୁକ୍ତ କାର୍‌କୁ ଷ୍ଟାର୍ଟରେ ରଖିଥିଲେ। ଟଙ୍କା ଧରି ଏଟିଏମ୍‌ରୁ ବାହାରିବା ପରେ ୬ ଜଣ ଯାକ ଲୁଟେରା ଉକ୍ତ କାର୍‌ରେ ବଲାଙ୍ଗୀର-ସୋନପୁର ବାଟ ଦେଇ ସମ୍ବଲପୁର ଅଭିମୁଖେ ପଳାଇଥିଲେ। ଏହା ପୂର୍ବରୁ ଏହି ଟିମ୍ ବଙ୍ଗୋମୁଣ୍ଡାଠାରେ ଏକ ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ। ସମ୍ବଲପୁର ଯିବା ବାଟରେ ଧମା ନିକଟ ସାହସପୁର ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ। ସେଠାରୁ ସେମାନେ ବରଗଡ ଜିଲା ସୋହେଲା ବାଟଦେଇ ଛତିଶଗଡ ଅଭିମୁଖେ ଯିବାବେଳେ ସୋହେଲା ନିକଟ ଏକ ଢାବାରେ ଅଟକିଥିଲେ। ଏତିକିବେଳେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଓ ଆଇଆଇସି ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଉକ୍ତ ଢାବାରେ ଚଢ଼ାଉ କରି ସେମାନଙ୍କୁ କାବୁ କରି ନେଇଥିଲା। ସ୍ୱତନ୍ତ୍ର ଟିମ୍‌ରେ ବଲାଙ୍ଗୀର ସାଇବର ଥାନା ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ, ପାଟଣାଗଡ, ଲାଠୋର, ବେଲପଡା ଥାନାର ଇନ୍ସପେକ୍ଟର ଜେ.ଭୋଇ, ସୁଶାନ୍ତ ଦାସ, ହେମନ୍ତ ମାଝି, ଖଗେଶ୍ୱର ମାଝି, ଅଜିତ ମୋହନ ସେଠ୍ ସହଯୋଗ କରିଥିବା ଏସ୍‌ପି ଖିଲାରୀ ସୂଚନା ଦେଇଥିଲେ। ଏହା ସହିତ ଅଭିଯୁକ୍ତଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଯୋଗାଡ କରିବାରେ ମହାରାଷ୍ଟ୍ରର ନାଗପୁର ସିଟି ପୋଲିସ ଡିସିପି ଏସ୍ ମୁମ୍ମାକା ଓ ମଧ୍ୟପ୍ରଦେଶ ସେଓନି ଜିଲା ଡିଏସ୍‌ପି ଅପୂର୍ବ ବଲ୍ଲଭୀ ସହଯୋଗ କରିଥିବା ସେ ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତମାନେ ବାଲେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର ସମେତ କର୍ଣ୍ଣାଟକର ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସୂଚନା ଦେଇଥିଲେ। ରିମାଣ୍ଡରେ ଅଭିଯୁକ୍ତମାନଙ୍କୁ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି କହିଛନ୍ତି।

